### ସତ୍ୟବାଦୀରେ ପ୍ରଚାର ଜୋର୍‌ଦାର୍ କଲା ବିଜେଡି

# ସାକ୍ଷୀଗୋପୀନାଥଙ୍କ ଆଶୀର୍ବାଦ ନେଇ ମଇଦାନକୁ ଓହ୍ଲାଇଲେ ପ୍ରାର୍ଥୀ



### ବିଶାଳ ବାଇକ୍ ରାଲିରେ ସ୍ୱାଗତ କଲେ ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣ







**ସାକ୍ଷୀଗୋପାଳ,୭।୪(ସମିସ)**

ସାଧାରଣ ନିର୍ବାଚନ ପାଇଁ ସତ୍ୟବାଦୀରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ବିଜେଡି ପ୍ରାର୍ଥୀ। ରବିବାର ସତ୍ୟବାଦୀ ବିଜେଡି ବିଧାନସଭା ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ସାକ୍ଷୀଗୋପୀନାଥଙ୍କ ଆଶୀର୍ବାଦ ନେଇ ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପଟ୍ଟନାୟକିଆ ଛକଠାରୁ ଦଳୀୟ କର୍ମକର୍ତ୍ତାଙ୍କ ଏକ ବିଶାଳ ମଟରସାଇକଲ ରାଲି ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚିଥିଲା। ସେଠାରୁ ଦଳୀୟ କର୍ମୀମାନେ ଦୁଇ ପ୍ରାର୍ଥୀଙ୍କୁ ଫୁଲମାଳ ପକାଇ ପାଛୋଟି ଆଣିଥିଲେ। ସେଠାରେ ଥିବା ପଞ୍ଚସଖାଙ୍କ ମଣ୍ଡପରେ ଦୁଇ ପ୍ରାର୍ଥୀ ମାଲ୍ୟାର୍ପଣ କରିଥିଲେ। ପରେ ସାକ୍ଷୀଗୋପାଳ ବଜାରରେ ରୋଡ୍ ଶୋ' କରିଥିଲେ। ସାକ୍ଷୀଗୋପାଳ ବଡ଼ ବଜାର କମିଟି ପକ୍ଷରୁ ଦୁଇ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା। ବଜାର ମଧ୍ୟରେ ଥିବା ମା' ମଉଁନେଇ ଠାକୁରାଣୀଙ୍କୁ ଦର୍ଶନ କରି ଆସିବା ସମୟରେ ରାସ୍ତାର ଦୁଇ ପାଶ୍ୱର୍ରେ ଅପେକ୍ଷାରତ ହଜାର ହଜାର ମହିଳା ଓ ଯୁବକ ଯୁବତୀମାନେ ଦୁଇ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର ସଭାପତି ଶ୍ରୀବତ୍ସ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ନନ୍ଦଙ୍କ ସହିତ ଅନ୍ୟ ସଦସ୍ୟମାନେ ଠାକୁରଙ୍କ ଉତ୍ତରୀୟ ଓ ଫୁଲମାଳ ଦେଇ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ପରେ ବିଧାନସଭା ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ସାକ୍ଷୀଗୋପୀନାଥଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ମନ୍ଦିର ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ସତ୍ୟବାଦୀ ହେଉଛି ଏକ ପୁଣ୍ୟ ମାଟି। ଏହି ମାଟିର ସେବା କରିବା ପାଇଁ ଜନସାଧାରଣ ଆମକୁ ଆଶୀର୍ବାଦ କରିବେ ବୋଲି ଶ୍ରୀ ଦାସବର୍ମା ପ୍ରକାଶ କରିଥିଲେ। ଏଠାରୁ ବାହାରି ବକୁଳବନସ୍ଥିତ ପଞ୍ଚସଖାଙ୍କ ସମାଧିପୀଠରେ ମାଲ୍ୟାର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚଜିତେନ୍ଦ୍ର ବେହେରା, ପେଣ୍ଠପଡା ସରପଞ୍ଚଚିନ୍ମୟ ରାଉତ, କାଦୁଆ ସରପଞ୍ଚଗାୟତ୍ରୀ ମହାପାତ୍ର, ନୂଆସୋମେଶ୍ୱରପୁର ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ସତ୍ୟବାଦୀ ବ୍ଲକର ବିଜେଡି ମହିଳା ସଭାନେତ୍ରୀ ତଥା ଅଳଗୁମ ଗ୍ରାମ ପଞ୍ଚାୟତର ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତସାମନ୍ତରାୟ, ପରଜାପଡା ସମିତିସଭ୍ୟ ରାମଚନ୍ଦ୍ର ମହାନ୍ତି, ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ଘଟୁଆରୀ, ସତ୍ୟବାଦୀ ବ୍ଲକ ବିଜେଡି ଯୁବ ସଭାପତି ଶରତ ରାଉତରାୟ, ଛାତ୍ର ସଭାପତି ଦୀନେଶ ମହାପାତ୍ର, କଣାସ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସୁଶିଲ ରାଉତ, କଣାସ ବ୍ଲକ ଆମ୍ବାର ଅଧ୍ୟକ୍ଷ ସଞ୍ଜୟ ଭୋଳ, ସ୍ୱାଧୀନ ପ୍ରଧାନ, ଦେବାଶିଷ ରାୟ, ପ୍ରକାଶ ଖଟେଇ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ବୀରଗୋବିନ୍ଦପୁର ଗ୍ରାମରେ ପୂଜିତ ମା' ଦକ୍ଷିଣକାଳୀ ଓ ବରାଳସ୍ଥିତ ବାଲୁଙ୍କେଶ୍ୱରଙ୍କୁ ଦର୍ଶନ କରି ଐତିହ୍ୟ ଗ୍ରାମ ସୁଆଣ୍ଡୋସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ନିଶା ଆଡ୍ଡାରେ ପୁଲିସର ଚଢ଼ଉ

**ନୟାହାଟ,୭।୪(ସମିସ):** ନୟାହାଟ ପୁଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ପାଣିଛତ୍ର, ନୟାହାଟ, ଯୋଗେଶ୍ୱରପୁର ଆଦି ସ୍ଥାନରେ ଏଏସ୍‌ଆଇ ସନ୍ତୋଷ ସାହୁ, କନେଷ୍ଟବଳ ଅମରେଶ୍ୱର ଜେନାଙ୍କ ମିଳିତ ଉଦ୍ୟମରେ ଚଢ଼ଉ କରାଯିବା ଫଳରେ ନିଶାଡ଼ି ଓ ବେପାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏନେଇ ଏଏସ୍‌ଆଇ ଶ୍ରୀ ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ ନିଶା ଖାଇ ସାଧାରଣ ଲୋକଙ୍କୁ ଗାଳିଗୁଲଜ କରୁଥିବା ନିଶାଡ଼ିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ପୁଲିସର ଚଢ଼ଉ ଫଳରେ ଏହି ଅଞ୍ଚଳରେ ନିଶା କାରବାର ଉପରେ ରୋକ ଲାଗିବ ବୋଲି କୁହାଯାଉଛି।

## ପଞ୍ଚଶମ୍ଭୁଙ୍କ ମହାମିଳନ



**କୃଷ୍ଣପ୍ରସାଦ,୭।୪(ସମିସ):** ଓଡ଼ିଶାର ଲୋକନାଟ୍ୟ ପରମ୍ପରାରେ ଦଣ୍ଡ ଯାତ୍ରା ସଂସ୍କୃତି ଅତି ପ୍ରାଚୀନ। ଏହି ଯାତ୍ରାରେ ଆରାଧ୍ୟ ଦେବଦେବୀ ହେଉଛନ୍ତି ଶିବ, ପାର୍ବତୀ। ଏହି ପରମ୍ପରା ହେଉଛି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ମଧ୍ୟ ବିଭିନ୍ନ ଗ୍ରାମରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ତାଳତଳା ଗ୍ରାମରେ ପଞ୍ଚୁ ଦଣ୍ଡଙ୍କ ମହାମିଳନ ଦେଖିବାକୁ ମିଳିଛି। ଗ୍ରାମବାସୀ ଏବଂ ଦୁର୍ଯ୍ୟୋଧନ ତରାଇଙ୍କ ନିମନ୍ତ୍ରଣ କ୍ରମେ ପୁରୀ ଓ ଗଞ୍ଜାମ ଜିଲ୍ଲାର କୃଷ୍ଣ ପ୍ରସାଦ ଗଡ଼ର ଗାଦିଶ୍ୱର ଦେବ, ଗୁରୁବାଇର ବାଙ୍କେଶ୍ୱର ଦେବ, ମଲେଶ୍ୱରୀର ମଲିକେଶ୍ୱର ଦେବ୍, କେଶପୁରୁର ଲଡୁକେଶ୍ୱର ଦେବ୍, ପଦ୍ମପୁରୁ ପାଲୁରୁର ଚମ୍ପେନେଶ୍ୱର ଦେବ ପହଞ୍ଚି ଥିଲେ। ଗ୍ରାମ୍ୟ କମିଟି ସଭାପତି ସୀମାଞ୍ଚଳ ଜେନା, ସମ୍ପାଦକ ପ୍ରସନ୍ନ ବିଶ୍ୱାଳ, ଦୁର୍ଯ୍ୟୋଧନ ତରେଇ, ଉଲ୍ଲାସ ଚନ୍ଦ୍ର ପ୍ରଧାନ ଓ ଚିନ୍ତାମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଶୋଭାଯାତ୍ରାରେ ପଞ୍ଚ ମହାଦେବଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ଠାକୁରଙ୍କ ସାଥୀରେ ଆସିଥିବା ଭକତା ମାନେ ମଧ୍ୟାହ୍ନ ସମୟରେ ଧୂଳିଦଣ୍ଡ ପରିବେଷଣ କରି ଭକ୍ତ ଓ ଗ୍ରାମବାସୀଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ସନ୍ଧ୍ୟାରେ ଠାକୁରଙ୍କ ପାଣିତୋଳା ନୀତି ପରେ ମେଳଣ ଉତ୍ସବ ଆୟୋଜିତ ହୋଇଥିଲା। ପରେ ଭୋଗଖିଆ ନୀତି ସମ୍ପନ୍ନ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତି ୧୦ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବକ୍ସି ଜଗବନ୍ଧୁ କ୍ଲବ୍ ଓ ରାଧାକୃଷ୍ଣ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଶୋକସଭା



**ନୟାହାଟ,୭।୪(ସମିସ):** ଚାରିଛକ ଥାନା ଛଣିଜଙ୍ଗ ପଞ୍ଚାୟତ ଆମ୍ବର ଗ୍ରାମରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ରାଜ୍ୟ ସହସମ୍ପାଦକ ତାପସ ରଞ୍ଜନ ଦାସ, ପୁରୀ ଜିଲ୍ଲା ସଭାପତି ବିରଞ୍ଚି ନାରାୟଣ ରଥଙ୍କ ନେତୃତ୍ୱରେ ରବିବାର ୧୦୮ ଆମ୍ବୁଲାନ୍ସ ଚାଳକ ସ୍ୱର୍ଗତ ପ୍ରଦୀପ କୁମାର ସାହୁଙ୍କ ବାସଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗତ ଗୁରୁବାର ପ୍ରଦୀପଙ୍କ ପରଲୋକ ଘଟିଥିଲା। ମହାସଂଘ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କୁ ୧,୭୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ସାହୁଙ୍କ ପିତା ବିପିନ ବିହାରୀ ସାହୁ, ମାତା ବିଦୁଲତା ସାହୁ, ପତ୍ନୀ ରଶ୍ମିତା ନାୟକ ଓ ଦୁଇ ଝିଅ ଉପସ୍ଥିତ ଥିଲେ। ରାଜ୍ୟ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଙ୍ଘର ବୌଦ୍ଧ ଜିଲ୍ଲା ସଭାପତି ଯୁବରାଜ କୁଅଁର, ରାୟଗଡ଼ା ସଭାପତି ଗଙ୍ଗାଧର ଶବର, ରାଜ୍ୟ ଯୁଗ୍ମ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ପୁରୀ ଜିଲ୍ଲା ସମ୍ପାଦକ ସୁଶାନ୍ତ ବେହେରା, କୋଷାଧ୍ୟକ୍ଷ ଆକାଶ ସାମଲ ରାୟ, ପୁରୀ ଜିଲ୍ଲା ଉପସଭାପତି ନୀଳକଣ୍ଠ ବେହେରା ଓ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମଦନମୋହନ ମଲ୍ଲିକ, ପ୍ରତାପ ପରିଡ଼ା, ଆଲୋକ ସ୍ୱାଇଁ, ସୁଶାନ୍ତ ବେହେରା, ସୁଶାନ୍ତ ଜେନା, ବିପିନ ବିହାରୀ ପ୍ରଧାନ, ପ୍ରତାପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ବାସୁଦେବ ଗାଦି ଠାକୁରଙ୍କ ବାର୍ଷିକ ଉତ୍ସବ



**ଚାରିଛକ,୭।୪(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁରର ଆରାଧ୍ୟ ଠାକୁର ବାବା ବାସୁଦେବଙ୍କ ବାର୍ଷିକ ଉତ୍ସବ ଓ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ସାହିରେ ପୂଜା ପାଉଥିବା ବାସୁଦେବ ଠାକୁରଙ୍କୁ ଆଜି ଏକ ସୁସଜ୍ଜିତ ବିମାନରେ ବସାଇ ଗଡ଼ ଅମରପ୍ରସାଦ, ସାନହୁଲି, ବାସୁଦେଇପୁର, ହାଣ୍ଡିଆପଡା, ତୁଳସୀପୁର ବଜାର ଆଦି ବିଭିନ୍ନ ସ୍ଥାନରେ ଭୋଗ ଲାଗି ପରେ ତୁଳସୀପୁର ବଡ଼ ପଡ଼ିଆରେ ଠାକୁର ବିରାଜମାନ କରିଥିଲେ। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ବୈଠକ ମେଳଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ସିଦ୍ଧମହାବୀରଙ୍କ ସାଧକ ଅରଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ କମିଟିର ସଭାପତି ବନବିହାରୀ ଦାଶ, ବେଣୁଧର ଭୋଇ, ସୁରେନ୍ଦ୍ର ଭୋଇ, ଗଗନ ଭୋଇ, ଅଭିନ ଭୋଇ, ଗୁର ଭୋଇ, ବ୍ରହ୍ମାନନ୍ଦ ଭୋଇ, ସୁମନ୍ତ ଭୋଇ ପ୍ରମୁଖ ଯୋଗଦେଇ ଏହି ମେଳଣର ଆଭିମୁଖ୍ୟ ସଂପର୍କରେ କହିଥିଲେ। ମହୋତ୍ସବ ହେଉଛି ଏକତାର ମୂଳମନ୍ତ୍ର ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ କମିଟି ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ବାଜା ଆତସବାଜିରେ ସାରା ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଚାରିଛକର ବିଶିଷ୍ଟ ବାଣ ବ୍ୟବସାୟୀ ବାଇଧର ନାୟକଙ୍କ ଦ୍ୱାରା ଆତସବାଜୀ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବସୁଦେବ ଭୋଇ, ଜିତେନ୍ଦ୍ର ଭୋଇ, ମଣ୍ଟୁ ଭୋଇ, କାଳନ୍ଦୀ ଭୋଇ, ଗାଣ୍ଡୁ ଭୋଇ, ବାବୁ ଭୋଇ, ବଂଶୀଧର ଭୋଇ, ବିଶ୍ୱନାଥ ଭୋଇ, ଦୁଃଖୀଶ୍ୟାମ ଭୋଇଙ୍କ ସମେତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଅଶୋକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କଣାସ,୭।୪(ସମିସ):** କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ମାଟିଆପଡ଼ା ଗ୍ରାମ ଖେଳପଡ଼ିଆରେ ଗତକାଲି ଅଶୋକ ସ୍ମାରକୀ ଦ୍ୱିତୀୟ ବାର୍ଷିକ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟ ଭୀମସେନ୍ ପାଇକରାୟ, ଶିକ୍ଷାବିତ୍ ଆର୍ତ୍ତବନ୍ଧୁ ରାଉତରାୟ, ସମାଜସେବୀ ଅଜୟ କୁମାର ବେହେରା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୮ଟି ଦଳ ଭାଗନେଇଥିଲେ। ଫାଇନାଲ୍ ମ୍ୟାଚ୍ ବ୍ରାଇଟିଷ୍ଟାର କ୍ଲବ ଦୋକନ୍ଦା ଏବଂ ଚନ୍ଦନପୁର କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରାଇଟିଷ୍ଟାର କ୍ରିକେଟ୍ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୬ ଓଭରରେ ୭୯ ରନ୍ କରିଥିଲା। ଜବାବରେ ଚନ୍ଦନପୁର କ୍ରିକେଟ୍ କ୍ଲବ ୫୫ ରନ୍ କରି ପରାଜୟବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଚନ୍ଦନ ସିଂହ, ନୀଳଗ୍ରୀବ ଶ୍ରୀଚନ୍ଦନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

● ମା' ଜାଗେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗଡ଼ିଶାଗୋଦା ଚାମ୍ପିଅନ



**କଣାସ,୭।୪(ସମିସ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ମାଳିଘାଇ ଖେଳପଡ଼ିଆରେ ବେଣାଗାଁରେ ପ୍ରତିଷ୍ଠିତ ମା' ଜାଗେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ତଥା ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର ଓ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। ଫାଇନାଲ୍ ମ୍ୟାଚ୍ ହଜ କ୍ରିକେଟ୍ କ୍ଲବ ଏବଂ ଗଡ଼ିଶାଗୋଦା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗଡ଼ିଶାଗୋଦା କ୍ରିକେଟ୍ କ୍ଲବ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ହଜ କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୭ଟି ୱିକେଟ୍ ହରାଇ ୪୧ ରନ୍ କରିଥିଲା। ଜବାବରେ ଗଡ଼ିଶାଗୋଦା କ୍ରିକେଟ୍ କ୍ଲବ ୪.୪ ଓଭରରେ ୫ଟି ୱିକେଟ୍ ହରାଇ ୪୨ ରନ୍ କରି ବିଜୟୀ ହେବା ସହ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ନଗେନ୍ଦ୍ରନାଥ ସୁନ୍ଦରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୪ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

### ଆରମ୍ଭ ହେଲା ଗୋପ ସାଗରସ୍ନାନ ମେଳନ

# 'ଗୋପ ଲୋକ ଉତ୍ସବ' ଉଦ୍‌ଘାଟିତ

**ଗୋପ,୭।୪(ସମିସ)**



ଶନିବାର ବିଳମ୍ବିତ ରାତିରୁ ଗୋପାଳଜୀଉଙ୍କ ରୋଷଣୀ କରି ଅଣାଯାଇ ଗୋପ ମେଳନ ପଡ଼ିଆରେ ବିଜେ କରିବା ପରେ ଗୋପ ସାଗରସ୍ନାନ ମେଳନ ଆରମ୍ଭ ହୋଇଛି। କାହିଁ କେଉଁ କାଳରୁ ଗୋପ ସାଗରସ୍ନାନ ମେଳନ ଆରମ୍ଭ ହୋଇ ଆସିଥିବାବେଳେ ଏହି ମେଳନ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଗୋପସ୍ଥିତ କୁଶଭଦ୍ରା ନଦୀ ତଟରେ ପାରମ୍ପରିକ ରୀତନୀତି ଅନୁଯାୟୀ ଗୋପ ଥାନାର ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମେଳନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବ୍ରିଟିଶ ଅମଳରୁ ଏହି ପରମ୍ପରା ଚାଲି ଆସୁଥିବାବେଳେ ଚଳିତ ବର୍ଷ ଗୋପ ମେଳନ ନେଇ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଗୋପ ସାଗର ସ୍ନାନ ମେଳନ ସହ ଗୋପ ଲୋକ ଉତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ସେହିପରି ରବିବାର ଗୋପ ଲୋକ ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଗୋପାଳଜୀଉ ସାଗରସ୍ନାନ ମେଳନ କମିଟି ସଂପାଦକ ସତ୍ୟପ୍ରିୟ ନାୟକ କହିଛନ୍ତି। ରବିବାର ସନ୍ଧ୍ୟାରେ କୁଶଭଦ୍ରା ନଦୀ ତଟରେ ଲୋକ ଉତ୍ସବ ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ ଯୋଗ ଦେଇ ମେଳନ ଭାଇଚାରା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ହିନ୍ଦୁ ମୁସଲିମ୍‌ଙ୍କ ଭାଇଚାରାର ମେଳନ ଗୋପ ଲୋକ ଉତ୍ସବ କାହିଁ କେଉଁ କାଳରୁ ଚାଲି ଆସୁଥିବାବେଳେ ପୁରାତନ ପରମ୍ପରାକୁ ଉଜ୍ଜୀବୀତ କରି ରଖିଥିବା ଆୟୋଜକ ଗୋପାଳଜୀଉ ସାଗରସ୍ନାନ ମେଳନ କମିଟିକୁ ପ୍ରଶଂସା କରିଥିଲେ। ବରିଷ୍ଠ ଶିକ୍ଷାବତ୍ ରବୀନ୍ଦ୍ରନାଥ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନରେନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ଜଟାଧାରୀ ବେହେରା, ପ୍ରମୋଦ କୁମାର ମହାପାତ୍ର, ପ୍ରଦୀପ୍ତ କୁମାର ମହାନ୍ତି, କାର୍ତ୍ତିକ ପ୍ରଧାନ, ଅଭିମନ୍ୟୁ କାଣ୍ଡି, ଲିଙ୍ଗରାଜ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ, 'ବାନରସେନା' ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସଂଗ୍ରାମ କେଶରୀ ଭୋଳ, ବିଶ୍ୱରଞ୍ଜନ ମୁଖୀ ପ୍ରମୁଖ ପରିଚାଳନା କରିଥିଲେ। ବର୍ଷା ଯୋଗୁଁ କାର୍ଯ୍ୟକ୍ରମ ସାମାନ୍ୟ ବ୍ୟାଘାତ ଘଟିଥିଲା।

### ● ଆତସବାଜି ପ୍ରତିଯୋଗିତାରେ ଆଲୋକିତ ହେଲା ମେଳା ପଡ଼ିଆ

ଗୋପ ମେଳନରେ ପ୍ରମୁଖ ଆକର୍ଷଣ ଭାବେ ବିଭିନ୍ନ କିସମର ବାଣ ଫୁଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ବିଭିନ୍ନ ସ୍ଥାନରୁ ୪ ଜଣ ବାଣୁଆ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ବାଣ ଫୁଟାଇଥିବାବେଳେ ମେଳା ପଡ଼ିଆ ଆଲୋକିତ ହୋଇଥିଲା। ବାଣଫୁଟା ଦେଖିବା ଲାଗି ଗୋପ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବାଣୁଆଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟଙ୍କୁ ପୁରସ୍କୃତ କରାଯାଇଥିଲା।

୭/୪/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୬୪,୩୪୩/- ସୁନା: ୧୯.୧୯୦ ଗ୍ରାମ୍ ରୁପା: ୭୨.୬୪୦ ଗ୍ରାମ୍







ଫିକା ପଡ଼ିଛି ରଙ୍ଗମଞ୍ଚ

# କେବେ ଫେରିବ ଅନ୍ନପୂର୍ଣ୍ଣାର ଚମକ?

**ଅନ୍ନପୂର୍ଣ୍ଣା ଥିଏଟର। ଓଡ଼ିଶା ମଞ୍ଚ ନାଟକର ଏନ୍ତୁଡ଼ିଶାଳ। ଏହିଠାରୁ ନାଟକର ଖଡ଼ି ଛୁଇଁଥିଲେ ବହୁ ବର୍ଷୀୟାନ ମଞ୍ଚ ମଣିଷ। ଦିନ ଥିଲା ସଞ୍ଜ ନଇଁଲେ ନାଟ୍ୟପ୍ରେମୀଙ୍କ ପାଦ ପଡୁଥିଲା ଅନ୍ନପୂର୍ଣ୍ଣା ଥିଏଟରରେ। କେତେବେଳେ ହସ, କାନ୍ଦ ତ ଆଉ କେତେବେଳେ ଛାତିଥରା ସଂଳାପରେ ଦୁଲୁକୁଥିଲା ମଞ୍ଚ ପରିସର। ଐତିହ୍ୟ, ସଂସ୍କୃତି ସମ୍ପନ୍ନ ସହର ପୁରୀବାସୀ ବି ଆଦର କରୁଥିଲେ ମଞ୍ଚ ନାଟକକୁ। ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିବା ଏହି ଅନ୍ନପୂର୍ଣ୍ଣା ଥିଏଟର ଆଜି ଶ୍ରୀହୀନ। ବାସ୍ତବଧର୍ମୀ ନାଟକ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ମଞ୍ଚ ଆଜି ନିରବ। ଫିକା ପଡ଼ିଯାଇଛି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ରଙ୍ଗ। ଏକଦା ମନୋରଞ୍ଜନର ଖୋରାକ ଯୋଗାଇଥିବା ଅନ୍ନପୂର୍ଣ୍ଣା ଥିଏଟର ଆଜି ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି।**

**ପୁରୀ, ୭।୪(ସମିସ)**

ଓଡ଼ିଶା ମଞ୍ଚ ନାଟକର ଏନ୍ତୁଡ଼ିଶାଳ ଭାବେ ଦିନେ ପରିଚିତି ପାଇଥିଲା ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ। ହଜାର ହଜାର କଳାକାରଙ୍କୁ ସୃଷ୍ଟି କରିଥିଲା ଏହି ମଞ୍ଚ। ମାତ୍ର ଏହି ରଙ୍ଗମଞ୍ଚ ତା'ର ସତ୍ତା ହରାଇବାକୁ ବସିଛି। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲା। ରାଜ୍ୟ ସରକାର ଅନ୍ନପୂର୍ଣ୍ଣାକୁ ନୂଆରୂପ ଦେବା ପାଇଁ ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି। ହେଲେ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହି ଐତିହ୍ୟସମ୍ପନ୍ନ ରଙ୍ଗମଞ୍ଚ ରଙ୍ଗହୀନ ହୋଇ ପଡ଼ିରହିଛି।

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁରୁ ପୁରୀ ଅନ୍ନପୂର୍ଣ୍ଣା ଥିଏଟରର ପରିକଳ୍ପନା ହୋଇଥିଲା। ୧୯୩୧ ମସିହାରେ ଖଣ୍ଡୁଆଳ କୋଟର ସୋମନାଥ ଦାଶଙ୍କ ଉଦ୍ୟମରେ ଲମ୍ବୋଦରପୁର ଗାଁରେ ପ୍ରଥମେ କେତେଜଣ ଯୁବକଙ୍କୁ ନେଇ ଆଖଡ଼ା ଆରମ୍ଭ ହୋଇଥିଲା। ସେତେବେଳେ ଏହି ନାଟ୍ୟାନୁଷ୍ଠାନର ନାଁ ରହିଥିଲା ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ। ସୋମନାଥ ତାଙ୍କ ସ୍ତ୍ରୀଙ୍କ ନାମାନୁସାରେ ଏହାର ନାମକରଣ କରିଥିଲେ। ଏହି ଅନୁଷ୍ଠାନର କଳାକାରମାନେ ଖଣ୍ଡପଡ଼ା, ଦଶପଲ୍ଲା ପ୍ରଭୃତି ରାଜାଙ୍କ ଡାକରା ପାଇ ନାଟକ ପରିବେଷଣ କରୁଥିଲେ। ଏହାର ପ୍ରତିଷ୍ଠାରେ କାଶୀନାଥ ସାହୁ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରେ ସୋମନାଥ ଏହାର ପରିଚାଳନା ପାଇଁ ଜଗତ୍‌ସିଂହପୁରର ନାଟ୍ୟପ୍ରେମୀ ତଥା ବିଶିଷ୍ଟ ସଂଗଠକ ମଞ୍ଚଶ୍ରୀ ବାଉରୀବନ୍ଧୁ ମହାନ୍ତିଙ୍କୁ ବାଲୁଗାଁ ଡକାଇଥିଲେ। ବାଉରୀବନ୍ଧୁ ମହାନ୍ତିଙ୍କ ଉଦ୍ୟମକ୍ରମେ ନାଟ୍ୟମଣ୍ଡଳୀ ଧୀରେ ଧୀରେ ପରିବ୍ୟାପ୍ତ ହେବାକୁ ଲାଗିଲା। ବହୁ ବରିଷ୍ଠ ନାଟ୍ୟ ଅଭିନେତା ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀର ଶୋଭାବର୍ଦ୍ଧନ କରିଥିଲେ। ୧୯୩୩ରେ ଏହା ଅନ୍ନପୂର୍ଣ୍ଣା ଥିଏଟରର ରୂପ ନେଇ ପୁରୀରେ ଆରମ୍ଭ ହେଲା। ଏଥିପାଇଁ ବାଉରୀବନ୍ଧୁ ମହାନ୍ତି, ବାଞ୍ଛାନିଧି ମହାରଥୀ ପ୍ରମୁଖ ଉତ୍ତରପାର୍ଶ୍ୱ ମଠଠାରୁ ଥିଏଟର ପାଇଁ ଜମି ଆଣିଲେ। ସେବେଠାରୁ ପୁରୀରେ ଅନ୍ନପୂର୍ଣ୍ଣା ଥିଏଟର ଆରମ୍ଭ ହେଲା। ଅନ୍ୟ ସହରରେ ଏହି ଲୋକପ୍ରିୟ ମଞ୍ଚ ଅଭିନୟକୁ ପହଞ୍ଚାଇବା ପାଇଁ ୧୯୪୫ରେ ଏହାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଗଲା। ଅନ୍ନପୂର୍ଣ୍ଣା 'ଏ' ଓ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍। କଳା, ସଂସ୍କୃତିର ସହର କଟକରେ ସ୍ଥାପନ ହେଲା ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍।

ସୌଖିନ ନାଟ୍ୟଶିଳ୍ପୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରଙ୍ଗମଞ୍ଚ ପରବର୍ତ୍ତୀ ସମୟରେ ପେସାଦାର କଳାକାର ସୃଷ୍ଟି କରିଥିଲା। ଏଠାରେ ନିୟମିତ ନାଟକ ପରିବେଷଣ ସହ ନାଟକ ଦେଖିବା ପାଇଁ ଟିକେଟ୍ ବ୍ଲାକ୍ ହେଉଥିଲା। ଅନ୍ନପୂର୍ଣ୍ଣା ଥିଏଟର ଗ୍ରୁପ୍ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ନାଟକ ପରିବେଷଣ କରିବା ବେଳେ ଲୋକେ ଏହି ପେସାଦାର ଶିଳ୍ପୀଙ୍କ ନାଟକ ଦେଖିବା ପାଇଁ ଭିଡ଼ ଜମାଉଥିଲେ। ସେଇଠୁ ହିଁ ରାଜ୍ୟର ଅନେକ ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର, ନିର୍ଦ୍ଦେଶକ, କଳାକାରମାନେ ଉତ୍ସାହିତ ହୋଇଥିଲେ। ୧୯୭୪ ମସିହାରେ ବାଉରୀବନ୍ଧୁଙ୍କ ମୃତ୍ୟୁ ପରେ ଏହି ଗ୍ରୁପ୍‌ର ପତନ ଘଟିବା ଆରମ୍ଭ କଲା। ତଥାପି କେତେଜଣଙ୍କ ଚେଷ୍ଟାରେ ବଞ୍ଚି ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ଥିଏଟର ଦିଗହରା ହୋଇଗଲା।

ପୁରୀର ଅନ୍ନପୂର୍ଣ୍ଣା ଥିଏଟର ୨୦୧୯ ବାତ୍ୟା ଫନୀରେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ପରବର୍ତ୍ତୀ ସମୟରେ କାମଚଳା ଭାବେ ଏହାର ମରାମତି କରାଯାଇଛି। ବିଭିନ୍ନ ସମୟରେ ଏଠାରେ ନାଟକ ମଞ୍ଚସ୍ଥ ହେଉଛି। ହେଲେ ପୂର୍ବର ଅନ୍ନପୂର୍ଣ୍ଣା ଥିଏଟରରେ ଯେଉଁଭଳି ନାଟ୍ୟପ୍ରେମୀଙ୍କ ଭିଡ଼ ହେଉଥିଲା ଏବେ ସେମିତି ନାହିଁ। ମୋଟାମୋଟି କହିବାକୁ ଗଲେ ରଙ୍ଗହୀନ ହୋଇପଡ଼ିଛି ଏହି ରଙ୍ଗମଞ୍ଚ।

ଥିଏଟର ପରିସର ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡ଼ିଛି। ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନ ଥିବାରୁ ନାଟକ ପରିବେଷଣ କରୁଥିବା ଅଭିନେତା ଏବଂ ନାଟ୍ୟପ୍ରେମୀ ଗୁଳୁଗୁଳିରେ ଆଉଟୁ ପାଉଟୁ ହେଉଛନ୍ତି। ଅନ୍ୟ କୌଣସି ଆନୁଷଙ୍ଗିକ ସୁବିଧା ନାହିଁ। ତେବେ ପୁରୀର ଅନେକ କଳାକାର ଏବଂ ବୁଦ୍ଧିଜୀବୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପୁନରୁଦ୍ଧାର ପାଇଁ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୩ ସେପ୍ଟେମ୍ବର ୨୨ ତାରିଖରେ ରାଜ୍ୟ ସରକାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପୁନରୁଦ୍ଧାର ପାଇଁ ୧୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଓବିସିସିକୁ ଏହାର ଡିପିଆର୍ ପ୍ରସ୍ତୁତ କରିବା ପାଇଁ କୁହାଯାଇଥିଲା। ହେଲେ ଓବିସିସି ଏଥିରେ ବିଳମ୍ବ କରିବାରେ ଲାଗିଛି।

ଏ ନେଇ ଗତ ମାର୍ଚ୍ଚ ୬ ତାରିଖରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ, ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ ପ୍ରମୁଖ ସରକାରଙ୍କ ନିର୍ଦ୍ଦେଶର ସଫଳ ରୂପାୟନରେ ଓବିସିସିର ଅହେତୁକ ବିଳମ୍ବ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଓବିସିସି ଓ ପିଡି ଡିଆର୍‌ଡିଏଙ୍କ ମିଳିତ ବୈଠକରେ ବିଳମ୍ବ ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପୁନରୁଦ୍ଧାର କାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ବହୁ ପୂର୍ବରୁ ସଂସ୍କୃତି ବିଭାଗ ଦେଇଥିବା ୨୦ଟି ଶୀତତାପ ନିୟନ୍ତ୍ରିତ ଟଙ୍କା ଖର୍ଚ୍ଚ ନ ହୋଇ ଆର୍ ଆଣ୍ଡ ବିରେ ପଡ଼ିରହିଥିବା ଶ୍ରୀ ମିଶ୍ର କହିଛନ୍ତି।



## ମୋବାଇଲ୍ ଝାମ୍ପି ନେଉଥିବା ବେଳେ ଧରାପଡ଼ିଲା ଯୁବକ

**ପୁରୀ, ୭।୪(ସମିସ):** ମୋବାଇଲ ଝାମ୍ପି ନେଇ ଦୌଡ଼ି ପଳାଉଥିବା ବେଳେ ଧରାପଡ଼ିଲା ଯୁବକ। ଅଭିଯୁକ୍ତ ହେଲେ ରାମଚଣ୍ଡୀ ସାହି ବାଲିଉପରର ତୋଫାନ ବେରୋ ଓରଫ୍ ଗେଡ଼ା (୩୨)। ରବିବାର ଅପରାହ୍ନ ୫ଟା ସମୟରେ ଘୋଡ଼ାବଜାର ଛକର ସୁଶାନ୍ତ ପାଲ ତାଙ୍କ ସାଙ୍ଗ ସହିତ ରେଳ ଷ୍ଟେସନ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ଗେଡ଼ା ପହଞ୍ଚି ସୁଶାନ୍ତ ହାତକୁ ଦୁଇଟି ମୋବାଇଲ ଫୋନ ଝାମ୍ପି ନେଇ ଦୌଡ଼ିଥିଲା। ସୁଶାନ୍ତ ଏବଂ ତାଙ୍କ ସାଙ୍ଗ ପାଟି କରିବାରୁ ସ୍ଥାନୀୟ ଲୋକେ ଗେଡ଼ାକୁ କାବୁ କରିଥିଲେ। ସେଠାରେ ମୁତୟନ ଥିବା ଜିଆର୍‌ପି ପୁଲିସ ଗେଡ଼ାକୁ କାବୁ କରିଥିଲା। ତା'ଠାରୁ ୨ଟି ଯାକ ମୋବାଇଲ ଫୋନ୍ ଜବତ କରାଯାଇ ସୁଶାନ୍ତକୁ ପ୍ରଦାନ କରାଯାଇଥିବା ବେଳେ ଗେଡ଼ା ନାଁରେ ଏକ ମାମଲା (ନଂ.୨୩/୨୪) ରୁଜୁ କରାଯାଇ ତାକୁ କୋର୍ଟଚାଲାଣ କରାଯାଇଛି। ସୂଚନାଥାଉ କି, ଅଭିଯୁକ୍ତ ଗେଡ଼ା ନାଁରେ ପୂର୍ବରୁ ପୁରୀ ସହରର ବିଭିନ୍ନ ଥାନା ଏବଂ ବ୍ରହ୍ମଗିରି ଥାନାରେ ମୋଟ ୨୧ଟି ମାମଲା ରହିଛି।

## ନିଖିଳ ଉତ୍କଳ ପାଟରା ସମିତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପୁରୀ, ୭।୪(ସମିସ):** ପୁରୀ ସହରସ୍ଥ ପାଟରା ମଠ ପରିସରରେ ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ଥାନପତି ଓ ବଡ଼ଥାନପତିମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ଚକଲାରୁ ଶତାଧିକ ଥାନପତି ବଡ଼ଥାନପତି ଅଂଶଗ୍ରହଣ କରିଥିଲେ। ସାତଗୋଟି ବିଷୟରେ ପ୍ରମୁଖ ପ୍ରଶିକ୍ଷକ ଓ ପ୍ରଶିକ୍ଷକ ଭାବେ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଆଲୋକ କୁମାର ସାହୁ, ରବୀନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ମନୋଜ କୁମାର ସାହୁ,




ଉପଦେଷ୍ଟା ନାରାୟଣ ପାତ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପାତ୍ର, ଉପସଭାପତି ଫଗୁଭୂଷଣ ଦାସ, କରୁଣାକର ଲେଙ୍କା, ସମ୍ପାଦକ ବଲ୍ଲଭ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ ପ୍ରଶିକ୍ଷଣ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆପାର୍ଟମେଣ୍ଟ ସୋସାଇଟି ପଞ୍ଜୀକରଣ ପାଇଁ ବୈଠକ

**ପୁରୀ, ୭।୪(ସମିସ):** ବଳିଆପଣ୍ଡାସ୍ଥିତ କ୍ରିଷ୍ଣା ସି ଆଣ୍ଡ ସାଇଟ୍ ଆପାର୍ଟମେଣ୍ଟ ନୂଆ ସୋସାଇଟିକୁ ରେଜିଷ୍ଟ୍ରିଭୁକ୍ତ କରିବା ପାଇଁ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଫେବୃୟାରୀ ୨ ତାରିଖରେ ରାଜ୍ୟ ସରକାର ଆଣିଥିବା ନୂଆ ଓଡ଼ିଶା ଆପାର୍ଟମେଣ୍ଟ ଆଇନ ଅନୁଯାୟୀ ଏହି ସୋସାଇଟି ପଞ୍ଜିକୃତ ହେବ। କ୍ରିଷ୍ଣା ସି ଆଣ୍ଡ ସାଇଟ୍‌ରେ ୨୦ଟି ବ୍ଲକ ରହିଛି। ପ୍ରତି ବ୍ଲକରେ ୪୨ଟି ଘର ହିସାବରେ ୮୪୦ଟି ଫ୍ଲାଟ୍ ଅଛି। ଏହା ମଧ୍ୟରୁ ୧୪ଟି ବ୍ଲକର ଫ୍ଲାଟ ମାଲିକଙ୍କୁ ନେଇ ଏହି ସୋସାଇଟି ଗଠନ ହେବ। ଏ ଯାଏ ବିଲ୍ଡର୍ସ ସମ୍ପୂର୍ଣ୍ଣ ହସ୍ତାନ୍ତର କରିନାହିଁ। କେବଳ ଫ୍ଲାଟ୍ ହସ୍ତାନ୍ତର ହୋଇଛି। କମନ୍ ରୁମ୍, ସୁଇମିଂ ପୁଲ୍ ସହ ଅନ୍ୟାନ୍ୟ ସମସ୍ତ ସୁବିଧାର ରକ୍ଷଣାବେକ୍ଷଣ କରିବ ସୋସାଇଟି। ପରବର୍ତ୍ତୀ ସମୟରେ ବୈଠକ କରାଯାଇ ସୋସାଇଟି ପଞ୍ଜୀକରଣ ନିୟମ ଆଧାରରେ ପଞ୍ଜୀକରଣ ସହ ସୋସାଇଟି ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ। ଆବଶ୍ୟକ ପଡ଼ିଲେ ଅନ୍‌ଲାଇନ୍ ମାଧ୍ୟମରେ କ୍ରମାଗତ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଆପାର୍ଟମେଣ୍ଟ ସୋସାଇଟି ସମ୍ପାଦକ ବିଦ୍ୟୁତ୍ ସେଠୀ, ଫ୍ଲାଟ ମାଲିକ ବିମ୍ବାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶାକଦ୍ୱୀପୀ ବେଦଜ୍ଞ ବ୍ରାହ୍ମଣ ମହାସଂଘର ବାର୍ଷିକ ସମ୍ମିଳନୀ

**ପୁରୀ, ୭।୪(ସମିସ):** ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ରାଜ୍ୟ ଶାକଦ୍ୱୀପୀ ବେଦଜ୍ଞ ବ୍ରାହ୍ମଣ ମହାସଂଘର ଚତୁର୍ଥ ବାର୍ଷିକ ବ୍ରାହ୍ମଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୦ଟି ଜିଲ୍ଲାର ବ୍ରାହ୍ମଣ ପଣ୍ଡିତ ଉପସ୍ଥିତ ହୋଇ ସନାତନ ଧର୍ମ ଓ ବେଦ ବିଜ୍ଞାନ ସମ୍ବନ୍ଧିତ ସାରଗର୍ଭକ ଆଲୋଚନା କରିଥିଲେ। ଜିଲ୍ଲାର ସୁନାମଧନ୍ୟ ପଣ୍ଡିତ ବ୍ରାହ୍ମଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମହାସଂଘ ଦ୍ୱାରା ପରିଚାଳିତ ବେଦାଙ୍ଗ



ପାଠଶାଳାର ଶିକ୍ଷାର୍ଥୀଙ୍କୁ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ସମ୍ମିଳନୀରେ ମହାସଂଘର ସଭାପତି ପଣ୍ଡିତ ସନ୍ତୋଷ ମିଶ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପଣ୍ଡିତ ପ୍ରେମାନନ୍ଦ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଡ. ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ପ୍ରମୋଦ କୁମାର ଆଚାର୍ଯ୍ୟଙ୍କ ସହିତ ଅନ୍ୟତମ ଅତିଥି ପଣ୍ଡିତ ଅନ୍ତର୍ଯ୍ୟାମୀ ମହାପାତ୍ର, ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ, ପଣ୍ଡିତ ବିନୋଦ ସେନାପତି ଉପସ୍ଥିତ ହୋଇ ଉତ୍ସାହିତ କରିଥିଲେ। ପଣ୍ଡିତ ମନୋରଞ୍ଜନ ନାୟକ ଓ ପଣ୍ଡିତ ରଙ୍ଗାଧର ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ସନ୍ତୋଷ ମହାପାତ୍ର, ତାପସ କୁମାର ମହାପାତ୍ର, ପବିତ୍ରମୋହନ ନାୟକ, ପ୍ରଭୁପ୍ରସାଦ ନାୟକ ସଭା କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ବୈଠକ

## 'ଅଷ୍ଟାଦଶ ମହାପୁରାଣ ମଧ୍ୟରେ ବ୍ରହ୍ମପୁରାଣ ପ୍ରଥମ'

**ପୁରୀ, ୭।୪(ସମିସ):** ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଏପ୍ରିଲ ମାସ ବୈଠକ ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ପ୍ରଫେସର ଗୋପାଳକୃଷ୍ଣ ଦାଶ। ଆଲୋଚ୍ୟ ବିଷୟ 'ବ୍ରହ୍ମ ପୁରାଣରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ'ରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ ଏବଂ ଅଧ୍ୟାପିକା ବାସନ୍ତୀ ଦେବୀ।

ବିଷ୍ଣୁ ପୁରାଣ ଅନୁସାରେ ଅଷ୍ଟାଦଶ ମହାପୁରାଣ ମଧ୍ୟରେ ବ୍ରହ୍ମ ପୁରାଣ ହେଉଛି ପ୍ରଥମ ପୁରାଣ। ଏହାର ଦୁଇଟି ଭାଗ ରହିଛି। ପ୍ରଥମ ଭାଗର ୪୨ ସର୍ଗରେ ଉତ୍କଳ ଦେଶର ବର୍ଣ୍ଣନାରେ ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନା ରହିଛି। ଏହି କ୍ଷେତ୍ରରେ ବିଶ୍ୱାତ୍ମା, ଜଗଦ୍‌ବ୍ୟାପୀ ଜଗନ୍ନାଥ ବିରାଜମାନ କରନ୍ତି। ଯେଉଁ ଉତ୍କଳରେ ସାକ୍ଷାତ୍ ମୁକ୍ତିଦାୟକ ପୁରୁଷୋତ୍ତମ ଦେବ ବିଜେ କରନ୍ତି ସେଠାର ନିବାସୀ ଦେବତୁଲ୍ୟ ଏବଂ ଧନ୍ୟବାଦର




ପାତ୍ର। ସବୁଠାରୁ ଉତ୍ତମ ପୁରୁଷ ଯେଉଁଠି ବିରାଜିତ ତାହା ହିଁ ପୁରୁଷୋତ୍ତମ କ୍ଷେତ୍ର ରୂପେ ଅଭିହିତ। ଏହା ବିଷ୍ଣୁଙ୍କର ମାନସ ତୀର୍ଥ ଅଟେ। ଏଠାରେ ବାସ କରୁଥିବା ବାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରମାନେ ସ୍ୱ ସ୍ୱ ଧର୍ମନିରତ, ଶାନ୍ତ ଓ ସୁଲଭ ଲକ୍ଷଣ ଯୁକ୍ତ ଅଟନ୍ତି। ଏଠାରେ ରାଜମାର୍ଗରେ, ସଭା ମଣ୍ଡଳରେ ଏବଂ ଦେବାଳୟମାନଙ୍କରେ ଶାସ୍ତ୍ର ପୁରାଣାଦି ବିଦ୍ୱାନ ବ୍ୟକ୍ତିଙ୍କଠାରୁ ଶୁଣାଯାଏ। ଏଠାର ନିବାସୀମାନେ ହୃଷ୍ଟପୁଷ୍ଟ ଏବଂ ବସ୍ତ୍ରାଳଙ୍କାରରେ ଶୋଭିତ। ସ୍ତ୍ରୀମାନେ ଶୁଭଲକ୍ଷଣା ଏବଂ ଗାନ୍ଧର୍ବ କଳା ପ୍ରବୀଣା ଅଟନ୍ତି। ପୂର୍ବେ ଏହି କ୍ଷେତ୍ରରେ ସର୍ବକାମନା ପୂର୍ଣ୍ଣକାରୀ ଇନ୍ଦ୍ରନୀଳମଣି ବିଗ୍ରହଙ୍କୁ ଦର୍ଶନ କରି ମନୁଷ୍ୟମାନେ ନିଷ୍କାମ ହୋଇ ସ୍ୱର୍ଗକୁ ଯାଉଥିଲେ। ସ୍ୱପ୍ନାଦେଶ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ସମୁଦ୍ରକୂଳକୁ ଯାଇ ମହାବୃକ୍ଷକୁ କାଟିବା ସମୟରେ ବ୍ରାହ୍ମଣ ବେଶରେ ବିଷ୍ଣୁ ଏବଂ ବିଶ୍ୱକର୍ମା ପହଞ୍ଚିଥିଲେ। ବିଷ୍ଣୁଙ୍କ ଆଦେଶରେ ବିଶ୍ୱକର୍ମା ମୂର୍ତ୍ତିତ୍ରୟ ନିର୍ମାଣ କରିଥିଲେ।

ପ୍ରଥମ ବଳଦେବଙ୍କ ପ୍ରତିମା ଶୁକ୍ଳବର୍ଣ୍ଣ, ନୀଳାମ୍ବର, ଗଦାମୁଶଳଧାରୀ, ଦ୍ୱିତୀୟଟି ନୀଳମେଘଶ୍ୟାମ ଶଙ୍ଖଚକ୍ରଧାରୀ ଜଗନ୍ନାଥଙ୍କ ପ୍ରତିମା, ତୃତୀୟଟି ସ୍ୱର୍ଣ୍ଣାଭ, ପୀତବର୍ଣ୍ଣା, ରତ୍ନମଣ୍ଡିତା ସୁଭଦ୍ରାଙ୍କ ପ୍ରତିମା ଥିଲା। ଶାସ୍ତ୍ରୋକ୍ତ ବିଧିରେ ରାଜା ପ୍ରତିଷ୍ଠା କାର୍ଯ୍ୟ କରିଥିଲେ। ଦୀର୍ଘକାଳ ଶାସନ ପରେ ସେ ବିଷ୍ଣୁଲୋକକୁ ଯାତ୍ରା କରିଥିଲେ। ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାର୍ଥନା ଅନୁସାରେ ରଥଯାତ୍ରା ହୁଏ। ଏଥିରେ ପଞ୍ଚତୀର୍ଥ, ବାରଯାତ୍ରାର ମାହାତ୍ମ୍ୟ ରହିଛି ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ନୃସିଂହ ଚରଣ ସାହୁ, ଡ. ଭାସ୍କର ମିଶ୍ର, ଡ. ଶରତ କୁମାର ସାହୁ, ଡ. କାଦମ୍ବିନୀ ଦାଶ, ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଅନାମ ଚନ୍ଦ୍ର ସାହୁ, ଦାଶରଥୀ ମହାପାତ୍ର, ଗୋପୀନାଥ ଶତପଥୀ, ଅଶୋକ ଆଢ୍ୟ, ରଞ୍ଜିତା ମହାପାତ୍ର, ନକୁଳ ଚରଣ ସ୍ୱାଇଁ, ଡ. ଦେବରାଜ ପ୍ରଧାନ, ମନମୋହନ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ରେଳ ମାନଚିତ୍ରରେ ନୟାଗଡ଼ ଜିଲ୍ଲା କୋଣଠେସା

**କମ୍ ବଗିରେ ଚାଲିଛି ଦୁଇଟି ଟ୍ରେନ୍**

**ଯାତ୍ରୀ ହନ୍ତସନ୍ତ; ନାଗରିକ ମଞ୍ଚର ଆନ୍ଦୋଳନ ଚେତାବନୀ**



ନୟାଗଡ଼, ୭।୪(ସମିସ): ରେଳ ମାନଚିତ୍ରରେ ନୟାଗଡ଼ ଜିଲ୍ଲା କୋଣଠେସା ହୋଇ ରହିଛି। ଦୀର୍ଘ ଦିନର ପ୍ରତୀକ୍ଷା ପରେ ଗତ ୭ବର୍ଷ ତଳୁ ଅର୍ଥାତ୍ ୨୦୧୭ ମସିହାରୁ ନୟାଗଡ଼ ଟାଉନ ଷ୍ଟେସନ ଉଦ୍‌ଘାଟିତ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାବାସୀଙ୍କ ନ୍ୟୁନତମ ଆବଶ୍ୟକତାକୁ ମଧ୍ୟ ବିଭାଗ ପୂରଣ କରିବାରେ ବିଫଳ ହୋଇଛି। ଉଦ୍‌ଘାଟନ ସମୟରେ ଷ୍ଟେସନ କାର୍ଯ୍ୟ ଯେତିକି ହୋଇଥିଲା ଏବେ ମଧ୍ୟ ସେତିକି ରହିଛି। ବର୍ତ୍ତମାନ ଯାତ୍ରୀଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସେହି ଅନୁସାରେ ରେଳ ବିଭାଗ ସୁବିଧା ଦେଉନାହିଁ। ଉଦ୍‌ଘାଟନ ସମୟରେ ଟାଉନ ଷ୍ଟେସନର କଳେବର ଯାହାଥିଲା ଏବେ ମଧ୍ୟ ସେତିକି ଅଛି। ପ୍ରତୀକ୍ଷାରତ ଯାତ୍ରୀମାନଙ୍କ ପାଇଁ ବସିବାର ସ୍ଥାନ ଅଭାବ ରହିଥିବା ବେଳେ ନୂତନ ଚେୟାର କିମ୍ବା ସିମେଣ୍ଟ ବେଞ୍ଚ ନିର୍ମାଣ କରା ଯାଉନାହିଁ। ଏବେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ପ୍ଲାଟଫର୍ମରେ ପଙ୍ଖା କିମ୍ବା ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ଦୀର୍ଘ ୭ବର୍ଷ ପରେ ମଧ୍ୟ କରାଯାଉନାହିଁ। ଷ୍ଟେସନ ମଧ୍ୟରେ ନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ସବୁବେଳେ ତାଲା ପଡ଼ି ରହୁଛି। ଦୀର୍ଘ ଦୁଇବର୍ଷ ତଳୁ ଦ୍ୱିତୀୟ ଏବଂ ତୃତୀୟ ପ୍ଲାଟଫର୍ମ ତଥା ଫୁଟ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ତାହା ଅଧପନ୍ତରିଆ ହୋଇ ପଡ଼ି ରହିଛି। ରାତି ସମୟରେ ଏହି ସବୁ ଅଞ୍ଚଳ ଅନ୍ଧକାରମୟ ରହୁଥିବାରୁ ଏଠାରେ ଡ୍ରଗ୍ସ ମାଫିଆଙ୍କ ଠାରୁ ଆରମ୍ଭ କରି ନାନା ପ୍ରକାର ଅସାମାଜିକ କାର୍ଯ୍ୟକଳାପ ଚାଲୁ ରହିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଦଶପଲ୍ଲା ରେଳ ଷ୍ଟେସନ ଉଦ୍‌ଘାଟିତ ହେବା ପରଠାରୁ ଯାତ୍ରୀଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇ ଚାଲିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଭୁବନେଶ୍ୱର ଏବଂ ପୁରୀ ଯାଉଥିବା ଟ୍ରେନ ଦୁଇଟିର ବଗି ସଂଖ୍ୟା ବୃଦ୍ଧି କରାଯାଉନାହିଁ। ଫଳରେ ଯାତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହିପରି ନୟାଗଡ଼-କଣ୍ଟିଲୋ ରାଜ୍ୟ ରାଜପଥର ବରପଲ୍ଲୀ ଛକଠାରେ ରେଳ ବିଭାଗ ପକ୍ଷରୁ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ କାମ ଗତ ଦୁଇବର୍ଷ ଧରି ଅତି ମନ୍ଥରଗତିରେ ଚାଲିଥିବାରୁ ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୈନିକ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତାରେ ଦୈନିକ ଶହଶହ ସଂଖ୍ୟାରେ ଯାତ୍ରୀବାହୀ ବସ୍, ଟ୍ରକ, ଟ୍ରାକ୍ଟର, ହାଇୱା ସହିତ ଦୁଇଚକିଆ, ଚାରିଚକିଆ ଯାନବାହାନ ଯାତାୟାତ କରୁଥିବା ବେଳେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଏହି ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଏହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀମାନେ ହଇରାଣ ହେଉଛନ୍ତି। ସେହିପରି ରାଜ୍ୟ ରାଜପଥରୁ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଆଲୋକ ବ୍ୟବସ୍ଥା ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବା ବେଳେ ଏହାର ମରାମତି କରାଯାଉନାହିଁ। ଫଳରେ ରାତ୍ର ସମୟରେ ଏହି ରାସ୍ତା ଅନ୍ଧକାରମୟ ରହୁଥିବାରୁ ଏଠାରେ ମଧ୍ୟ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ବେଳେ ଯାତ୍ରୀମାନେ ଏହି ରାସ୍ତାରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏ ବାବଦରେ ରେଳ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ତୁରନ୍ତ ରେଳ ବିଭାଗ ଏସବୁ ସମସ୍ୟା ସମାଧାନ କରିବାକୁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଥିବା ବେଳେ ସମାଧାନ ନହେଲେ ଆଗାମୀ ସାଧାରଣ ନିର୍ବାଚନ ପରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ମଞ୍ଚ ଚେତାବନୀ ଦେଇଛି।

## ଶିକାରୀକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୭।୪(ସମିସ): ବନ୍ୟଜନ୍ତୁ ଅଂଶବିଶେଷ ଚୋରା ଚାଲାଣ ମାମଲାରେ ଦଶପଲ୍ଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭାଗବତ ମାଝି ଓରଫ ରମେଶଙ୍କୁ ୩ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ସଜା ଭୋଗିବାକୁ କୁହାଯାଇଛି। ରମେଶ ଜଣେ ପେସାଦାର ଶିକାରୀ ବୋଲି ଜଣାଯାଇଛି।

୨୦୨୨ ମସିହା ନଭେମ୍ବର ୪ ତାରିଖରେ ଦଶପଲ୍ଲା କୁଆଁରିଆ ଡ୍ୟାମ୍ ନିକଟରେ ଅଭିଯୁକ୍ତ ଭାଗବତ ବନ୍ୟଜନ୍ତୁ ଅଂଶବିଶେଷକୁ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ଏସ୍‌ଟିଏଫ ସେଠାରେ ଚଢ଼ଉ କରି ତାକୁ ଗିରଫ କରିଥିଲା। ଯାଞ୍ଚ ବେଳେ ତା' ପାଖରୁ ଏକ ବସ୍ତାରେ ଭର୍ତ୍ତି ହୋଇଥିବା ୨ଟି ବାଘଛାଲ, ଗୋଟିଏ ଛୋଟ ହରିଣ ଛାଲ, ଗୋଟିଏ ଶାଳିଆପତନି ଛାଲ, ୧୧୫ଟି ବଜ୍ରକାପ୍ତା କାତି ଏବଂ ୨ଟା ବାରାହା ଦାନ୍ତ ଜବତ କରାଯାଇଥିଲା। ଏସ୍‌ଟିଏଫ୍ ଅଧିକ ତଦନ୍ତ କରିବାରୁ ରମେଶର ଅନ୍ତଃରାଜ୍ୟ ବନ୍ୟଜନ୍ତୁ ଚୋରାଚାଲାଣ ରାକେଟ୍ ସହ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଥିଲା। ତେଣୁ ସେହି ଆଧାରରେ ତଦନ୍ତ ଶେଷ କରି କୋର୍ଟରେ ଏସ୍‌ଟିଏଫ ଚାର୍ଜସିଟ୍ ଦାଖଲ କରିଥିଲା। ଜବତ ଛାଲ ସବୁକୁ ଡେରାଡୁନ୍ ୱାଇଲ୍ଡ୍ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଥିଲା। ସେଠାରୁ ପରୀକ୍ଷା ରିପୋର୍ଟ ମିଳିବା ପରେ ଜବତ ବନ୍ୟଜନ୍ତୁ ଅଂଶବିଶେଷ ସମ୍ପର୍କରେ ତଥ୍ୟ ମିଳିଥିଲା। ଏଥିସହ ୭ଜଣ ୪ସାକ୍ଷୀଙ୍କ ଆଧାରରେ ଅଭିଯୁକ୍ତକୁ ସଜା ମିଳିଛି। ଏକ ବର୍ଷ ମଧ୍ୟ ଏସ୍‌ଟିଏଫର ୱାଇଲ୍ଡ୍ ଲାଇଫ୍ ଆକ୍ଟ ଆଧାରରେ ୪ଜଣଙ୍କୁ ସଜା ହୋଇଛି।

## ୧୦ଟି ଶାଳଗଣ୍ଡି ଜବତ



ଓଡ଼ଗାଁ, ୭।୪(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଓଡ଼ଗାଁ ବନାଞ୍ଚଳ ଆମ୍ବପଡ଼ା ବିଟ୍ ଅଧୀନସ୍ଥ ଡିମ୍ବିରି ପଦର ଅଞ୍ଚଳରୁ ରବିବାର ସକାଳେ ବନ କର୍ମଚାରୀଙ୍କ ଦ୍ୱାରା ୧୦ ଗୋଟି ମୋଟା ଶାଳଗଣ୍ଡି ଜବତ ହୋଇଛି। ସୂଚନା ମୁତାବକ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ବାହାଡ଼ାଝୋଲା ଫରେଷ୍ଟ ବିଟ୍ ଅଧୀନସ୍ଥ ଆମ୍ବପଡ଼ା ବିଟ୍‌ର ଡିମ୍ବିରି ପଦର ଗାଁ ନିକଟ ଏକ ଜଙ୍ଗଲ ମଧ୍ୟରେ କାଠ ମାଫିଆମାନେ ଚୋରିକରିବା ଉଦ୍ଦେଶ୍ୟରେ ଏକ ବଡ଼ ଶାଳଗଛକୁ କାଟି ୧୦ ଗଞ୍ଜି କରି ଛାଡ଼ି ଯାଇଥିଲେ। ସେମାନେ କୌଣସି ମୋଟରଯାନ ସାହାଯ୍ୟରେ ଚାଲାଣ କରିବା ପାଇଁ ଗଞ୍ଜିକାଠ ଗୁଡ଼ିକୁ ଛାଡ଼ି ଚାଲିଯାଇଥିଲେ। ପାଟ୍ରୋଲିଂ ସମୟରେ କାଠଗଣ୍ଡି ସମ୍ପର୍କରେ ବାହାଡାଝୋଲା ଫରେଷ୍ଟର ମନୋଜ କୁମାର ସେଠୀ ଖବର ପାଇ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖଲେସ ମାଲିକଙ୍କୁ ସୂଚନା ଦେଇ ଘଟଣାସ୍ଥଳରେ ପହଁଞ୍ଚିଥିଲେ। ଆମ୍ବପଡ଼ା ବିଟ୍‌ର ଡିମ୍ବିରି ପଦର ଗାଁ ନିକଟ ଏକ ଜଙ୍ଗଲ ମଧ୍ୟରେ ପଡ଼ିଥିବା ୧୦ ଖଣ୍ଡ ବଡ ଶାଳଗଞ୍ଜି କାଠକୁ ଜବତ କରି ଫରେଷ୍ଟ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠ ଗଣ୍ଡିଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ସୂଚନାରୁ ଜଣାପଡ଼ିଛି।

## ଶାଳଝରିଆ ପଞ୍ଚାୟତରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୭।୪(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଶାଳଝରିଆ ପଞ୍ଚାୟତରେ ଆଜି ଅପରାହ୍ନରେ ଖଣ୍ଡପଡ଼ାର




ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବନମାଳିପୁର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ସଂଗଠକ ଅନ୍ତର୍ଯ୍ୟାମୀ ନାୟକ, ରମେଶ ଚନ୍ଦ୍ର ବେହେରା, ପଠାଣି ବେହେରା, ପ୍ରଭାତ କୁମାର ପରିଡ଼ା, ବ୍ରଜବନ୍ଧୁ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟକର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।

## ତେନ୍ତୁଳିଆପଲ୍ଲୀରେ ୧୫୬ ଦଣ୍ଡ ଆବିର୍ଭାବ



ଖଣ୍ଡପଡ଼ା, ୭।୪(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମର ନୀଳକଣ୍ଠେଶ୍ୱରଦେବଙ୍କ କୋଠିରୁ ୧୫୬ ଦଣ୍ଡ ବାହାରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଅଧୀନ ବରକୋଳି, ବେଣାଗାଡ଼ିଆ, ପଥରଦ୍ୱାର, ମୁରାରିପୁର, ତେନ୍ତୁଳିଆପଲ୍ଲୀ ଆଦି ୫ ଗୋଟି ମୌଜାର ଶତାଧିକ ଦଣ୍ଡ ବ୍ରତଧାରୀ ଏହି କୋଠିରେ ଦଣ୍ଡ ଉପାସନା କରୁଥିବା ଜଣାପଡ଼ିଛି। ତେବେ ରବିବାର ଅପରାହ୍ନରେ ଠାକୁରଙ୍କୁ ନିମନ୍ତ୍ରଣ କ୍ରମେ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଦଣ୍ଡକାଳୀ ଠାକୁର ଆବିର୍ଭାବ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିବା ପାଇଁ ଏକାଠି ହୋଇଥିଲେ। ଗ୍ରାମର ଗଣେଶ ପ୍ରଧାନ ମାନସିକ ରଖି ୧୫୬ ଦଣ୍ଡ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ମେଳଣ ସମୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ହଜାର ହଜାର ଶ୍ରଦ୍ଧାଳୁ ଯିବା ବାଟରେ ଠାକୁରଙ୍କୁ ସ୍ୱାଗତ କରିଥିଲେ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ନୟାଗଡ଼, ୭।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୪ ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ସଚେତନତା ସଭା ଜିଲ୍ଲା ପ୍ରଶାସନ, ନୟାଗଡ଼ ଓ ରେଡ କ୍ରସ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।



ଏଥିରେ ଅତିରିକ୍ତ ଜିଲ୍ଲାପାଳ ନୟାଗଡ଼ ଦିଲ୍ଲୀପ କୁମାର ବଳ ସଭାପତିତ୍ୱ କରିଥିଲେ। ସମ୍ମାନିତ ବ୍ୟକ୍ତିତ୍ୱ ଭାବରେ ତପତି ରାଜ ଜିଲ୍ଲା ଜରୁରୀକାଳିନ ଅଧିକାରୀ, ନୟାଗଡ଼ ଶ୍ରୀଯୁକ୍ତ ଖାନ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ନୟାଗଡ଼ ଓ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ନୟାଗଡ଼, ସୁରେନ୍ଦ୍ର ସାହୁ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଓ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରେଡକ୍ରସ୍ ଫୋରମ, ନୟାଗଡ଼ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଜରୁରୀକାଳୀନ ବିଭାଗ, ନୟାଗଡ଼ ଦ୍ୱାରା ସଂଯୋଜନା କରାଯାଇଥିଲା। ପ୍ରାତଃ ସମୟରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନୟାଗଡ଼ ଦିଲ୍ଲୀପ କୁମାର ବଳ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତପତି ରାଜ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ନୟାଗଡ଼ ପରିଚାଳନା କରିଥିଲେ। ଏହା ପରେ ସଚେତନତାମୂଳକ ସଭା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନୟାଗଡ଼ ଦିଲ୍ଲୀପ କୁମାର ବଳ ସ୍ୱାସ୍ଥ୍ୟ ପରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ନୟାଗଡ଼ ସମସ୍ତଙ୍କୁ ସ୍ୱାଗତ କରି ସମସ୍ତଙ୍କର ସୁ-ସ୍ୱାସ୍ଥ୍ୟ କାମନା କରିଥିଲେ। ଏହାପରେ ସୁରେନ୍ଦ୍ର ସାହୁ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସମସ୍ତଙ୍କୁ ସୁସ୍ଥ ରହିବାକୁ ହେଲେ ସୁସ୍ଥ ପରିବେଶ ସହିତ ନିୟମିତ ବ୍ୟାୟାମ, ଯୋଗ ଓ ପ୍ରଣାୟାମ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରେଡକ୍ରସ ଫୋରମ, ନୟାଗଡ଼ ସମସ୍ତଙ୍କୁ ସଚେତନ କରିଥିଲେ। ଏହାପରେ ସମସ୍ତ କୃତୀ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଭାଷଣ ରଖିଥିଲେ। ସର୍ବ ଶେଷରେ ସେମାନଙ୍କୁ ଫଳକ ଓ ମାନପତ୍ର ଦେଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଏନ୍‌ଏସି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ କୃତିତ୍ୱ



ନୟାଗଡ଼, ୭।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ଦୁଇଜଣ ଛାତ୍ରଛାତ୍ରୀ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏନଏସି ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧାଞ୍ଜଳି ଦାସ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେହି ଶ୍ରେଣୀର ଛାତ୍ର ଆୟୁଷ୍ମାନ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଏବଂ ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ଠାରୁ ଉଭୟ ମାନପତ୍ର ଏବଂ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୂର୍ଣ୍ଣିମା

**ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ**

# ବିଜେଡିରେ ସାମିଲହେଲେ ବିଜେପି କର୍ମୀ

ନୟାଗଡ଼, ୭।୪(ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳର ଅନେକ ନେତା ଶଙ୍ଖ ଫୁଙ୍କିବାରେ ଲାଗିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ସେମାନଙ୍କୁ ଆକର୍ଷିତ କରୁଛି। ଏଥି ସହିତ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିକାଶମୂଳକ କାର୍ଯ୍ୟ ସହିତ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଛନ୍ତି ଏଥିରେ ସନ୍ତୁଷ୍ଟ ହୋଇ ବିରୋଧୀମାନେ ବିଜେଡିରେ ସାମିଲ ହେବାରେ ଲାଗିଛନ୍ତି। ନୟାଗଡ଼ ବିକାଶରେ ସାମିଲ ହେଉଛନ୍ତି ବିରୋଧୀ ଗୋଷ୍ଠୀ। ଯେଉଁଥି ପାଇଁ ନୟାଗଡ଼ ନିର୍ବାଚନମଣ୍ଡଳୀ ବିଜେଡିର ଗଡ଼ ହୋଇଛି। ଦିନକୁ ଦିନ ଶକ୍ତିହୀନ ହୋଇ ପଡୁଛି ବିରୋଧୀ ଗୋଷ୍ଠୀ। ଆଜି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଓ ନଡିଆଳି ଗ୍ରାମ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉପସ୍ଥିତିରେ ସେମାନେ ଶଙ୍ଖ ନାଦ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ନିର୍ବାଚନ ମଣ୍ଡଳୀର ବିଜେଡି ନେତ୍ରୀ ଇରାନୀ ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ବରିଷ୍ଠ ବିଜେଡି ନେତା ପ୍ରଭାତ ଷଡ଼ଙ୍ଗୀ ଓ ଶିବଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ପଥୁରିପଡ଼ା ଗ୍ରାମର ଗୌତମ ରାଉତ, ସିଲୁ ପ୍ରଧାନ, ମୁନା ପାତ୍ର, ରାମ ପ୍ରଧାନ, ଆଲୋକ ପ୍ରଧାନ, ସୁମନ ବେହେରା, ସୁରେନ୍ଦ୍ର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଶ୍ରୀଧର ରାଉତ, ନରୋତ୍ତମ ରାଉତ, ମନୋରଞ୍ଜନ ରାଉତ, ବିକ୍ରମ ସାସମଲ, ପ୍ରଦୀପ ପ୍ରଧାନ, ରିଙ୍କୁ ମହାନ୍ତି ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଏଥି ସହିତ ନଡିଆଳି ଗ୍ରାମପଞ୍ଚାୟତ ଉଦୟପୁର ଗ୍ରାମର ମାଧବ ବେହେରା, ସଂଗ୍ରାମ ବେହେରା, ଭଗବାନ ବେହେରା, ପ୍ରସନ୍ନ ନାୟକ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।



## ବିଜେଡିରେ ଯୋଗଦେଲେ ୨୫ରୁ ଉର୍ଦ୍ଧ୍ୱ ଯୁବକ

ନୟାଗଡ଼: ନୟାଗଡ଼ରେ ଶକ୍ତିଶାଳୀ ହେଉଛି ବିଜୁ ଜନତା ଦଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଛାଡ଼ି ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଚେଷ୍ଟା ଓ ପ୍ରଚେଷ୍ଟାରେ ଗାଁ ଗାଁରେ ଉନ୍ନତି ଓ ବିକାଶ ଚାଲିଥିବା ବେଳେ ବିଜେଡି ପ୍ରତି ବିରୋଧୀ ଆକୃଷ୍ଟ ହେଉଛନ୍ତି। ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଲାଠିପଡ଼ା ଓ ଗମ୍ଭରିଡ଼ିହି ପଞ୍ଚାୟତ ବିଜେପି ଯୁବମୋର୍ଚ୍ଚାର ୨୫ରୁ ଉର୍ଦ୍ଧ୍ୱ ଯୁବକ ବିଜେଡିରେ ଯୋଗ ଦେଇଛନ୍ତି।



ଏହି ମିଶ୍ରଣ ପର୍ବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଜେଡି ନେତ୍ରୀ ଇରାନୀ ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ପ୍ରଭାତ ଷଡ଼ଙ୍ଗୀ, ଶିବଶଙ୍କର ମହାନ୍ତି, ନୟାଗଡ଼ ପୌରାଞ୍ଚଳର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବରିଷ୍ଠ ବିଜେଡି ନେତା ଶ୍ରୀକାନ୍ତ ଖଟେଇ, ନୟାଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ନୀଳମାଧବ ପଣ୍ଡା, ବିଜେଡି ଜିଲ୍ଲା ସମ୍ପାଦକ ଗଗନ ବିହାରୀ ମିଶ୍ର, ଅମୂଲ୍ୟ ସାହୁ, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ଶ୍ରୀକାନ୍ତ ପଟ୍ଟନାୟକ ଓ ଛାତ୍ର ନେତା ଏସ.କେ.ଇବ୍ରାହିମ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ନୟାଗଡ଼ ନିର୍ବାଚନମଣ୍ଡଳୀକୁ ଏକ ଗଡ଼ ଭାବେ ନିର୍ମାଣ କରିବା ପାଇଁ ସେମାନେ ପ୍ରକାଶ କରିଛନ୍ତି।

## ବିଜେପି ଛାଡ଼ି ବିଜେଡିରେ ଯୋଗଦେଲେ ୯ ପରିବାର

ଓଡ଼ଗାଁ, ୭।୪(ସମିସ): ନୟାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳ ଛାଡ଼ି ବହୁ ସମର୍ଥକ ବିଜୁ ଜନତା ଦଳରେ ଯୋଗ ଦେଉଥିବାରୁ ଦଳ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଓ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବିରୋଧୀମାନେ ବିଜେଡିରେ ଯୋଗ ଦେଉଛନ୍ତି। ଆଜି ନୟାଗଡ଼ ନିର୍ବାଚନ ମଣ୍ଡଳୀ ଓଡ଼ଗାଁ ବ୍ଲକ ଭାଡିକିଳା ଗ୍ରାମ ପଞ୍ଚାୟତର ୯ଟି ପରିବାର ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଓଡ଼ଗାଁ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଜେଡି ନେତ୍ରୀ ଇରାନୀ ରାୟ, ଶିବଶଙ୍କର ମହାନ୍ତି, ଓଡ଼ଗାଁ ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ଭାଡିକିଳା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ଭାଡିକିଳା ପଞ୍ଚାୟତର ରବୀନ୍ଦ୍ର ପ୍ରଧାନ, ପାଣ୍ଡବ ସାହୁ, ସନ୍ତୋଷ ସାହୁ, ରବୀନ୍ଦ୍ର ମହାରଣା, ଫକୀର ମହାରଣା, ରମେଶ ମହାରଣା, ବିପିନ ନାୟକ, ଆନନ୍ଦ ନାୟକ, ମନୋଜ କୁମାର ଭଞ୍ଜ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।



ଜଳୁଛି ସହର; ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

# କାଳବୈଶାଖୀ ବର୍ଷା ଆଣିଲା ଆଶ୍ୱସ୍ତି



**ଖୋର୍ଦ୍ଧା,୭।୪(ସମିସ):** ଗତ କିଛିଦିନ ହେବ ଖୋର୍ଦ୍ଧା ସହରରେ ଜାରୀ ରହିଛି ଅଗ୍ନିବର୍ଷା। ଦିନ ପ୍ରାୟ ସାଢ଼େ ୯ଟା ପରେ ସହରରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗୁଛି। ଫଳରେ ପ୍ରଭାବିତ ହେଉଛି ସାଧାରଣ ଜୀବନଯାତ୍ରା। ଯଦିଓ ରବିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି; ତଥାପି ଜରୁରୀ କାର୍ଯ୍ୟ ନପଡ଼ିଲେ ଦିନ ୯ଟା ପରେ ପଦାକୁ ବାହାରିବାକୁ ଲୋକ ଭୟକରୁଛନ୍ତି। ଦିପ୍ରହରରେ ତାପମାତ୍ରା ପ୍ରାୟ ୩୮ ଡିଗ୍ରୀ ଉପରେ ରହୁଥିବାବେଳେ ସତେ ଯେମିତି ଅଘୋଷିତ କର୍ଫ୍ୟୁ ଜାରି ହୋଇଛି। ସୁବିଧା ମିଳିଲେ କିଏ ଗଛ ଛାଇ ତଳ ଆଶ୍ରୟ ନେଉଛି ତ ଆଉ କିଏ ପାଣି ଠୋପାଏ ଖୋଜୁଛି। ତେବେ ଆଜି କାଳବୈଶାଖୀ ଯୋଗୁ ଯଦିଓ ଆକାଶ ମେଘୁଆ ରହିଥିଲା, ତଥାପି ଗୁଳୁଗୁଳିରେ ଲୋକେ ଝାଳରେ ଅସ୍ତବ୍ୟସ୍ତ ହେଉଥିଲେ।

ପରିସ୍ଥିତି ଏପରି ହେଲାଣି ଯେ, ପୂର୍ବାହ୍ନରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରିଲେଣି। ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସହର ସମ୍ପୂର୍ଣ୍ଣ ଶୂନଶାନ ହୋଇପଡୁଛି। ଏପରିକି ଗ୍ରାହକ ଆସୁନଥିବାରୁ ବଜାରରେ ଏକାଧିକ ଦୋକାନ ପ୍ରାୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଗ୍ରୀଷ୍ମପ୍ରଭାବ ଯୋଗୁ ଏପ୍ରିଲ ପହିଲାରୁ ଶିକ୍ଷାନୁଷ୍ଠାନ ଚାଲିଛି। ଖରାକୁ ଭୟ କରି ପ୍ରାୟ ଲୋକେ କୌଣସି କାମ ନଥିଲେ ଅଫିସ ଆସୁନଥିବା ଦେଖିବାକୁ ମିଳିଛି। ପ୍ରାୟ ଅଫିସ ଫାଙ୍କା ରହୁଛି। ମାତ୍ର ଆଜି ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ଲୋକଙ୍କ ଲାଗି ଆଶ୍ୱସ୍ତି ଆଣିଛି। ତତଲା ଝାଞ୍ଜି ଓ ଗୁଳୁଗୁଳିରୁ ଲୋକଙ୍କୁ ଟିକେ ଆରାମ ମିଳିଥିବା ଦେଖାଯାଇଛି। ସେହିପରି ପବନ, ଘଡଘଡି ବିଜୁଳି ସତ୍ୱେ ବର୍ଷାରେ କିଛି ଯୁବଗୋଷ୍ଠୀ ଭିଜି ଏହାର ମଜା ନେଉଥିବା ଦେଖାଯାଇଥିବାବେଳେ ଗାଁରେ ବର୍ଷାକୁ ନେଇ ଚାଷୀମାନେ ଖୁସି ପ୍ରକଟ କରିଛନ୍ତି। ଚଳିତ ବର୍ଷ କାଳବୈଶାଖୀ ଯୋଗୁ ଖରାଦିନେ ବର୍ଷା ହେଉଥିବାରୁ ବିଲକୁ ହଳ କରି ପାଗଭିଡ଼ି ରଖିବାକୁ ଏହା ସହାୟକ ହେବ ବୋଲି ଚାଷୀ ଗୋବିନ୍ଦ ପ୍ରଧାନ କହିଛନ୍ତି। ତାଙ୍କ କହିବା ଅନୁସାରେ ଏବେଠାରୁ ବିଲକୁ ଚାଷ କଲେ ଘାସ ଓ ବାଲୁଙ୍ଗା ଉଠି ତାହା ପରବର୍ତ୍ତୀ ଖରାରେ ନଷ୍ଟ ହୋଇଯିବ। ଫଳରେ ଧାନଚାଷକୁ ଏହା ସୁବିଧା କରିବ ବୋଲି ସେ କହିଛନ୍ତି। ସେହିପରି କୂଅପୋଖରୀ ସବୁ ଶୁଖି ଆସୁଥିବାବେଳେ ୨ ଅସରା ବର୍ଷା ଏବେ ଲୋକଙ୍କ ମନରେ ଖୁସି ଆଣିଛି।

## ଗୋଲବାଇରେ ଜଳସେବା କେନ୍ଦ୍ର ଆରମ୍ଭ



**ଭୂଷଣ୍ଡପୁର,୭।୪(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଲବାଇ ଶାସନରେ ଆଜି ମା' ଉଗ୍ରତାରା ଦଶଦୋଳ ଉପଲକ୍ଷେ ଏକ ଦାତବ୍ୟ ଜଳସେବା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜଳକଷ୍ଟ ଦୂର ଲାଗି ବାଟୋଇଙ୍କ ନିମନ୍ତେ ଏହି ଜଳସେବା କେନ୍ଦ୍ର ଖୋଲାଯାଇଛି। ସ୍ୱେଚ୍ଛାସେବୀ ତଥା ଗୋଲବାଇ ଗ୍ରାମପଞ୍ଚାୟତର ସମିତି ସଭ୍ୟ ଗୌତମ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ।

## ବଢୁଛି ତାତି; ଖୋଲୁନି ଜଳଛତ୍ର

**ବେଗୁନିଆ,୭।୪(ସମିସ):** ସାରା ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଜାରୀ ରହି ଦିନରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀରେ ପହଞ୍ଚିଲାଣି। ଏହି ଅସହ୍ୟ ଉତ୍ତାପ ଯୋଗୁ ଯାତାୟାତ ଓ ଜନ ଜୀବନ ଅସ୍ତବ୍ୟସ୍ତ ଯୋଗୁଁ ଦୋକାନ ବଜାରଗୁଡ଼ିକ ବନ୍ଦ ରହୁଥିବାର ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ରାଜ୍ୟ ସରକାର ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ କାଁ ଭାଁ ଜଳଛତ୍ର ଖୋଲି ଦେଇ ଦାୟିତ୍ୱ ସାରିଦେଇଛନ୍ତି। ଏନେଇ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ଦୁଇ ଦିନ ମଧ୍ୟରେ ଜଳଛତ୍ର ଖୋଲାଯିବ ବୋଲି କହିଛନ୍ତି।

## କରଡ଼ଗାଡ଼ିଆରେ ଜମୁଛି ବାର ଦୋଳ ମେଳଣ



**ବେଗୁନିଆ,୭।୪(ସମିସ):** ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ କରଡ଼ଗାଡ଼ିଆ ଗ୍ରାମସ୍ଥିତ ବାର ଦୋଳ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅଧିଷ୍ଠାତା ଏକାଦଶ ରୁଦ୍ର ତଥା ବାବା ହଟକେଶ୍ୱରଙ୍କୁ ଆବାହନ କରି ଦୋଳରେ ବିରାଜମାନ ହୋଇ ଅବସ୍ଥାନ କରିବା ପରେ ପ୍ରାୟତଃ ସ୍ଥାନୀୟ ଅଞ୍ଚଳରୁ ୨୦ ଗୋଟି ଦୋଳ ମେଳ ହୋଇଥାନ୍ତି। ଏହି ଉତ୍ସବକୁ ତିନି ଦିନ ଧରି ପାଳନ କରିବା ସହ ଶେଷ ଦିନ ଉଦ୍‌ଯାପନ ମେଳଣ ଅନୁଷ୍ଠିତ ହୋଇଥାଏ।

## ସହଯୋଗ ପରିବାର ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ



**ନିରାକାରପୁର,୭।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସହଯୋଗ ପରିବାର ତରଫରୁ "ସହଯୋଗ'ର ଶୁଭେଚ୍ଛୁ ହିମାଂଶୁ ଭୂଷଣ ମହାନ୍ତିଙ୍କ ପିତା ସ୍ୱର୍ଗତ ନୀଳମଣୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ଓଗାଳପୁରସ୍ଥିତ ବୃଦ୍ଧା ଆଶ୍ରମ ଅନ୍ତେବାସୀଙ୍କୁ ପାଉଁରୁଟି, ବିସ୍କୁଟ, ମୁଢ଼ି, ପାଣି ବୋତଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶ୍ୟାମ ସୁନ୍ଦର ପଟ୍ଟନାୟକ, ସକ୍ରିୟ ସଭ୍ୟ ବିଶ୍ୱନାଥ ଭୂୟାଁ, କୃପାସିନ୍ଧୁ ପଣ୍ଡା, ପ୍ରତ୍ୟୁଷ କୁମାର ସାମନ୍ତରାୟ ଓ ପ୍ରଭାକର ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ। ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜାତୀୟ ରାଜପଥରେ ବୁଲୁଥିବା ଅସହାୟ ବ୍ୟକ୍ତିଙ୍କୁ ବି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

## ଦିନିଆରିରେ ବିଶ୍ୱଶାନ୍ତି ମହାଯଜ୍ଞ



**ବେଗୁନିଆ,୭।୪(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ପଞ୍ଚାୟତ ଦିନିଆରି ଗ୍ରାମର ଶ୍ରୀଶ୍ରୀ ବାବା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଗ୍ରାମ୍ୟ କମିଟି ସହଯୋଗରେ ତିନିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରଦ୍ଧାର ସହ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ମନ୍ଦିର ପରିସରରେ ଥିବା ଯଜ୍ଞମଣ୍ଡପରେ କଳସକୁ ସ୍ଥାପନ ପରେ ବୈଦିକ ରୀତିରେ ବ୍ରହ୍ମା ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ।

## ୪ ପଥର ବୋଝେଇ ଟ୍ରକ୍ ଜବତ; ୪ ଗିରଫ



**ବାଲୁଗାଁ,୭।୪(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ୪ଟି ପଥର ବୋଝେଇ ଟ୍ରକ୍ ଜବତ କରିଛି। ସମ୍ପୃକ୍ତ ୪ଟି ଟ୍ରକ୍‌ର ଚାଳକଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ଅଜୟ ସାମନ୍ତରାୟ, ଅନିଲ ପ୍ରଧାନ, ପାଣୁ ପ୍ରଧାନ ଓ କବିରାଜ ବେହେରା। ସୂଚନା ମୁତାବକ, ବାଲୁଗାଁ ପୁଲିସ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଶ୍ରୀନିବାସ ସାମନ୍ତ ସଦଳବଳେ ଆଙ୍କୁଲା ଓ ବଡ଼କୂଳ ଆଦି ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଖଣି ମାଫିଆଙ୍କର ୪ଟି ପଥର ବୋଝେଇ ଟ୍ରକ୍ ଜବତ କରିଥିଲେ। ଅଜୟ, ଅନିଲ, ପାଣୁ ଓ କବିରାଜଙ୍କୁ ପୁଲିସ ଗିରଫ କରିଥିଲା। ଏ ନେଇ ବାଲୁଗାଁ ଥାନାରେ ୪ଟି ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

● ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା

## ଭାଗନେଲେ ୧୪୭ ପରୀକ୍ଷାର୍ଥୀ



**ଖୋର୍ଦ୍ଧା,୭।୪(ସମିସ):** ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଶେଷ ହୋଇଛି। ଏହି ପରୀକ୍ଷାରେ ଜିଲ୍ଲାର ୧୨ଟି ଉଚ୍ଚ ବିଦ୍ୟାଳୟର ୧୪୭ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ତନ୍ମଧ୍ୟରେ ୭୭ ଜଣ ଗାଇଡସ ଓ ୭୦ ଜଣ ସ୍କାଉଟସ ରହିଥିଲେ। ଛାତ୍ରଛାତ୍ରୀମାନଙ୍କ ତତ୍ତ୍ୱାବଧାରକ ଭାବେ ୬ଜଣ ଗାଇଡ କ୍ୟାପଟେନ ଓ ୧୧ ଜଣ ସ୍କାଉଟସ ମାଷ୍ଟର ଯୋଗ ଦେଇଥିଲେ। ଉଦଘାଟନ ଦିବସରେ ସ୍କାଉଟସ ପତାକା ଉତ୍ତୋଳନ, ପ୍ରାର୍ଥନା ଓ ଶପଥ ପାଠ ସହ ନାମ ପଞ୍ଜୀକରଣ କରାଯାଇଥିଲା। ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ବିଜ୍ଞାନ ସୁପରଭାଇଜର ସରୋଜ ସିଂ ଯୋଗଦେଇ ଉଦଘାଟନ କରି ପରୀକ୍ଷାର୍ଥୀମାନଙ୍କୁ ସ୍କାଉଟସ ଗାଇଡସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତେବେ ସକାଳ ୬ଟା ସମୟରେ ସ୍କାଉଟସ ପ୍ରାର୍ଥନା ସାରି ପରୀକ୍ଷାର୍ଥୀମାନଙ୍କୁ ନେଇ ୬ଟି ବ୍ୟାୟାମ, ପ୍ରାଥମିକ ଚିକିତ୍ସା ତାଲିମ୍, ପତାକା ଉତ୍ସବ, ଆନୁମାନିକ ମାପ ଇତ୍ୟାଦି ପରୀକ୍ଷା କରାଯାଇଥିଲା। ସ୍କାଉଟସର ମୂଳମନ୍ତ୍ର ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ସେବା ଓ ପ୍ରତ୍ୟେକ କାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ଦୃଢ ମନୋବଳ ଜୀବନର ମାପକାଠି ବୋଲି ଅତିଥିମାନେ ପରାମର୍ଶ ରଖିଥିଲେ।

ଖୋର୍ଦ୍ଧା ଜିଲ୍ଲା ସ୍କାଉଟସ ଗାଇଡ୍ସର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲ୍ଲା କମିସନର ତଥା ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣି ଆଗ୍ରାସିଂ, ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପୂର୍ବତନ କମିସନର ପୀତବାସ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ତାଲିମଦାତା କମିସନର ରମେଶ ଚନ୍ଦ୍ର ବଳବନ୍ତରାୟ, ଦିବାକର ପଟ୍ଟନାୟକ, ଭୁବନାନନ୍ଦ ରାଉତ ପ୍ରମୁଖ ପରୀକ୍ଷା ଶିବିରକୁ ପରିଚାଳନା କରିଥିଲେ। ସମସ୍ତ ସ୍କାଉଟସ ମାଷ୍ଟର, ଗାଇଡ କ୍ୟାପଟେନ ତଥା ବିଜେବି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଭୁପ୍ରସାଦ ସେନାପତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଅପରାହ୍ନରେ ପତାକାକୁ ଅବତରଣ କରାଯାଇ ୨ଦିନିଆ ଶିବିରକୁ ଉଦ୍‌ଯାପିତ କରାଯାଇଥିଲା।

ବିଜେପିର ଜନ ଆଶୀର୍ବାଦ ପଦଯାତ୍ରା

## ପ୍ରଚାରରେ ଶିଶୁଙ୍କୁ ସାମିଲକୁ ନେଇ ଉଠିଲା ପ୍ରଶ୍ନ



**ଜଟଣୀ,୭ ।୪(ସମିସ):** କୋମଳମତି ଶିଶୁମାନଙ୍କୁ ନେଇ ଜଟଣୀରେ ବିଜେପି ରାଜନୀତି କରୁଥିବା ଅଭିଯୋଗ ହୋଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ବାଚନ ପ୍ରଚାରରେ ଶିଶୁମାନଙ୍କୁ ଉପଯୋଗ କରାଯାଇଥିବା ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବିଜେପିର ଜନ ଆଶୀର୍ବାଦ ପଦଯାତ୍ରାରେ ଆଜି କୋମଳମତି ଶିଶୁମାନଙ୍କୁ ସାମିଲ କରାଯାଇଥିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଶିଶୁମାନେ ହାତରେ ବିଜେପି ପତାକା ଧରିଥିବା ବେଳେ ମୁଣ୍ଡରେ ଦଳୀୟ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଥିଲା। ସେପଟେ ଜନସାଧାରଣମାନେ ବର୍ଷା ଦାଉରୁ ରକ୍ଷା ପାଇବା ଲାଗି ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଲୋକମାନଙ୍କୁ ବର୍ଷାରେ ଭିଜି ନିର୍ବାଚନ ପ୍ରଚାର ପାଇଁ ଡକାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବ୍ୟାନର୍ ଓ ପୋଷ୍ଟର୍‌ରେ ଯେଉଁ ସ୍ଥାନୀୟ ନେତା ଯୋଗଦେବେ ବୋଲି ପ୍ରଚାର କରାଯାଇଥିଲା ସେମାନେ ସେହି ପଦଯାତ୍ରାରେ ସାମିଲ ହୋଇନଥିଲେ। ଫଳରେ ସାଂସଦ ପ୍ରାର୍ଥୀ ଅପରାଜିତା ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଏହି ପଦଯାତ୍ରା ଫିକା ପଡ଼ି ଯାଇଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।



## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




**ଖୋର୍ଦ୍ଧା,୭।୪(ସମିସ):** ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଖର୍ ଏକ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୪୪ ଜଣ ରୋଗୀଙ୍କ ରକ୍ତଚାପ, ଓଜନ, ଇସିଜି ଆଦି ମାଗଣାରେ ପରୀକ୍ଷା କରାଯାଇଥିଲା।। ଏଥିରେ ଡାକ୍ତର ଅମୀୟ ଜେନାମଣୀ, ଡାକ୍ତର ଅଭିଷେକ ଜେନାମଣି, ଡାକ୍ତର ରାଇସା ରାଉତରାୟ ସମସ୍ତ ରୋଗୀଙ୍କ ପରୀକ୍ଷା କରିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ ସଭାପତି ତଥା ପ୍ରାକ୍ତନ ଏସପି ଦେବପ୍ରସାଦ ମଜୁମଦାର, ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ସମ୍ପାଦକ ରାମଶଙ୍କର, ରୋଟାରୀ କ୍ଲବ ସଭାପତି ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଶେଷରେ ହସ୍ପିଟାଲରେ ମ୍ୟାନେଜର ସଂଗୀତା ସାମନ୍ତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ ୧୦ ଦୋଳ ମେଳଣ ଉଦ୍‌ଯାପିତ

**ଖୋର୍ଦ୍ଧା,୭।୪(ସମିସ):** ଉତ୍କଳୀୟ କଳା ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଫାଲଗୁନ ମାସ ଫଗୁ ଦଶମୀଠାରୁ ଦୋଳ ଉତ୍ସବ ପୁରପଲ୍ଲୀରେ ଆଡ଼ମ୍ବରରେ ପାଳନ କରାଯାଏ। ଖୋର୍ଦ୍ଧା ସହରରେ ଦୋଳ ଉତ୍ସବ ପରଦିନ ଶ୍ରୀଲୋକେଶ୍ୱରଙ୍କ ପୀଠରେ ଫୁଲଦୋଳ ମେଳଣ ଆୟୋଜନ ହୋଇଥାଏ। ପରେ ଗୁରୁଜଙ୍ଗଠାରେ ଶ୍ରୀଧବଳେଶ୍ୱରଙ୍କ ୫ଦୋଳ ମେଳଣ ହୋଇଥାଏ। ଦୋଳ ଉତ୍ସବର ଦଶ ଦିନ ପରେ ସହର ମୁକୁନ୍ଦପ୍ରସାଦ ଏବଂ ଠେଙ୍ଗାହାଟରେ ୧୦ଦୋଳ ମେଳଣ ଉତ୍ସବ ଆୟୋଜନ ହୋଇଥାଏ। ଉଭୟ ମେଳଣ ଉତ୍ସବ ଆଡ଼ମ୍ବରରେ ପାଳିତ ହୋଇଥାଏ।



ଗୁରୁବାର ମଧ୍ୟ ରାତ୍ରରୁ ଠେଙ୍ଗାହାଟ ୧୦ଦୋଳ ମେଳଣ ଆରମ୍ଭ ହୋଇଥିଲା। ଠେଙ୍ଗାହାଟ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ଚାଲିଥିଲା। ଏହାର ପରମ୍ପରା ମଧ୍ୟ ବହୁ ପ୍ରାଚୀନ ଏବଂ ପ୍ରାୟ ଶହେ ବର୍ଷ ଧରି ପାଳନ ହୋଇ ଆସୁଥିବା ଲୋକଶ୍ରୁତି ରହିଛି। ୩ ଦିନ ବ୍ୟାପୀ ବହୁ ଆଡମ୍ବରରେ ଏହା ପାଳନ ହୋଇଥିଲା। ସାମନ୍ତପୁରରସ୍ଥିତ ଶ୍ରୀ ସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଥାନପତିଙ୍କଠାରୁ ଆମନ୍ତ୍ରଣ ପାଇ ମଧୁସୂଦନନଗର ଶ୍ରୀଜଗନ୍ନାଥ, ଶାଗୁଆନ ବଗିଚାର ଭଗବତ ଦେବ, ଗୁଡ଼ିପୋଖରୀର ରାମନାଥ, କାହ୍ନୁ ସାଗରର ସୋମନାଥ, ଡାକ୍ତର ସାହିର ଲକ୍ଷ୍ମୀନାରାୟଣ, ଟିଏଲସିର ତାରକେଶ୍ୱର, ରାଧାବଲ୍ଲଭ ସାହିର ରାଧାବଲ୍ଲଭ, ବରାଡ ବାଲୁଙ୍କେଶ୍ୱର, ଗୋପୀନାଥ ଉପରସାହିର ଗୋପାଳ ଜୀଉ, ବାଲୁଙ୍କେଶ୍ୱର, ହାବେଳି ପଡିଆର ସ୍ୱପ୍ନେଶ୍ୱର ମହାଦେବ ପ୍ରଭୃତି ୨୧ ଠାକୁର ବିଜେ କରିଥିଲେ। ଥାନପତି ସିଦ୍ଧେଶ୍ୱର ଠାକୁର ଏକ ସୁସଜ୍ଜିତ ଦୋଳ ବିମାନରେ ବିଜେ କରିଥିଲେ। ସମସ୍ତ ଠାକୁର ଦୋଳ ବିମାନରେ ବିଜେ ହୋଇ ଠେଙ୍ଗାହାଟଠାରୁ ବାହାରି ସମସ୍ତ ସାହି ପରିକ୍ରମା କରି ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ରବିବାର ହରିହର ଭେଟ ଓ ଫଗୁ ଖେଳ ପରେ ମେଳଣ ସମାପନ ହୋଇଛି।

ସେହିପରି ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ଶୁକ୍ରବାର ମଧ୍ୟ ରାତ୍ରୀରେ ଠାକୁରମାନଙ୍କ ଜମାଣ ହୋଇଥିଲା। ତିନି ଦିନ ଧରି ମେଳଣ ପଡ଼ିଆ ଲୋକାରଣ୍ୟ ହୋଇଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଯାନିଯାତ୍ରା, ଘରକରଣା ସାମଗ୍ରୀ ପସରା ମେଳିଥାଏ। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ଏକ ସୁସଜ୍ଜିତ ବିମାନରେ ବିଜେ କରି ସ୍ୱମନ୍ଦିରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ସେଠାରୁ ଆରମ୍ଭ ହୋଇଥିଲା। ଏକ ବିରାଟ ପଟୁଆରେ ମେଳଣ ପଡ଼ିଆକୁ ଆସିଥିଲେ। ଶ୍ରୀଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ମୁକୁନ୍ଦପ୍ରସାଦର ଗୋପୀନାଥ, ଈଶାଣେଶ୍ୱର, ରଘୁନାଥ, ଜେମାଦେଇର ବାଲୁଙ୍କେଶ୍ୱର, ଅସୁରଢିହ ବାଲୁଙ୍କେଶ୍ୱର, ପିତାପଲୀର ମହାଦେବ, ପାଇକତିଗିରିଆର ମହାଦେବ, ଉପରବସ୍ତ କେଦାରଶ୍ୱର ପ୍ରମୁଖ ୧୦ ଠାକୁର ଦୋଳ ବିମାନରେ ବିଜେ ହୋଇ ପଟୁଆରରେ ମେଳଣ ପଡ଼ିଆରେ ବିଜେ କରିଥିବାବେଳେ ଆଜି ସବୁଦୋଳ ହରିହର ଭେଟ ହୋଇ ଫଗୁ ଖେଳି ମନ୍ଦିରକୁ ବାହୁଡ଼ିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୦ ● ପାଉଣ୍ଡ ୧୦୫.୨୭
- ୟୁରୋ ୯୦.୨୯ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୩୫୦ (ନୂଆଦିଲ୍ଲୀ)
- ରୁପା : ୮୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୪୮.୦୦
- ନିଫ୍ଟି ୨୨,୫୧୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଭାରତୀୟ ଷ୍ଟକ୍ ବଜାରରେ ଉତ୍ସାହଜନକ ସ୍ଥିତି**

# ୩ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜିରେ ୧ ଲକ୍ଷ ୭୧ ହଜାର କୋଟି ବୃଦ୍ଧି

**ମୁମ୍ବାଇ,୭।୪(ଏଜେନ୍ସି):** ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ସମସ୍ୟା ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାରରେ ଉତ୍ସାହଜନକ ସ୍ଥିତି ଲାଗି ରହିଛି। ସ୍ଥିର ବଜାର ସ୍ଥିତି ଏବଂ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକ ଭାରତୀୟ ପୁଞ୍ଜି ବଜାର ପ୍ରତି ଆଗ୍ରହ ବଢାଇଥିବାରୁ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜି ସ୍ଥିତିରେ ଗତ ସପ୍ତାହରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି। ପ୍ରମୁଖ ୧୦ କମ୍ପାନୀଙ୍କ ମଧ୍ୟରୁ ଏଚଡିଏଫସି ବ୍ୟାଙ୍କ ବଜାର ପୁଞ୍ଜିରେ ୭୬ ହଜାର ୮୮୦ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୧ ଲକ୍ଷ ୭୭ ହଜାର କୋଟି ଟଙ୍କାରେ ପହଞ୍ଚିଛି।ଏହାପଛକୁ ଏଲଆଇସିର ୬ ଲକ୍ଷ ୨୭ ହଜାର ୬୯୨ କୋଟି ଟଙ୍କା ବୃଦ୍ଧିରେ କମ୍ପାନୀର ମୋଟ ବଜାର ପୁଞ୍ଜି ପରିମାଣ ପରିମାଣ ୪୯,୨୦୮,୪୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଟିସିଏସ୍‌ର ବଜାର ପୁଞ୍ଜି ପରିମାଣରେ ୩୪ ହଜାର ୭୩୩ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପୁଞ୍ଜି ପରିମାଣ ୧୪ ଲକ୍ଷ ୩୯ ହଜାର ୮୩୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ମଧ୍ୟ ୧୦ ହଜାର ୪୮୬ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୬ ଲକ୍ଷ ୮୨ ହଜାର ୧୫୨ କୋଟି ଟଙ୍କା ବୃଦ୍ଧି ପାଇଥିବା କୁହାଯାଇଛି। ଏହି ତିନି କମ୍ପାନୀର ସାମୁହିକ ବଜାର ପୁଞ୍ଜିରେ ୧ ଲକ୍ଷ ୭୧ ହଜାର ୩୦୯ କୋଟି ଟଙ୍କା ବୃଦ୍ଧି ଘଟିଛି ବୋଲି ବିଏସଇ ଷ୍ଟକ୍ ଏକ୍ସଚେଞ୍ଜ କାରବାର ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବଜାର ପୁଞ୍ଜିରେ ସର୍ବାଧିକ ହ୍ରାସ ଘଟିଛି। କମ୍ପାନୀର ବଜାର ପୁଞ୍ଜିରେ ୩୮ ହଜାର ୪୬୨ କୋଟି ଟଙ୍କା ହ୍ରାସ ଘଟି ଏହା ୧୯ ଲକ୍ଷ ୭୫ ହଜାର ୫୪୭ କୋଟି ଟଙ୍କାକୁ ଖସି ଆସିଛି। ଏହାପଛକୁ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲର ମଧ୍ୟ ବଜାର ପୁଞ୍ଜି ହ୍ରାସ ପାଇଛି। ଆଇସିଆଇସିଆଇ ବ୍ୟାଙ୍କର ବଜାର ପୁଞ୍ଜି ୯୪୫୮ କୋଟି ଟଙ୍କା ହ୍ରାସରେ ୭ ଲକ୍ଷ ୬୦ ହଜାର କୋଟି ଟଙ୍କାକୁ ହ୍ରାସ ପାଇଥିଲା ବେଳେ ଭାରତୀ ଏୟାରଟେଲ ବଜାର ପୁଞ୍ଜି ୨୧ ହଜାର ୨୦୬ କୋଟି ଟଙ୍କା ହ୍ରାସରେ ୬ ଲକ୍ଷ ୭୩ ହଜାର କୋଟି ଟଙ୍କାକୁ ଖସି ଆସିଥିବା ଜଣାପଡ଼ିଛି।

**ହୁ ହୁ ହୋଇ ବଢୁଛି ସୁନା ଦର**

# ୬ ମାସରେ ୨୫% ମହଙ୍ଗା

ନୂଆଦିଲ୍ଲୀ, ୭।୪ (ଏଜେନ୍ସି)

ଦେଶରେ ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଛି। ଏହା କ୍ରମାଗତ ଭାବେ ରେକର୍ଡ ଭାଙ୍ଗି ଚାଲିଛି। ୬ ମାସରେ ସୁନା ମୂଲ୍ୟ ୨୫ ପ୍ରତିଶତ ପର୍ଯ୍ୟନ୍ତ ମହଙ୍ଗା ହୋଇଛି। ଏହା ୧୦ ଗ୍ରାମ ପିଛା ୫୭ ହଜାରରୁ ୭୦ ହଜାର ଟଙ୍କାରେ ପହଞ୍ଚି ଯାଇଛି।

- ୫୭ରୁ ୭୦ ହଜାରରେ ପହଞ୍ଚିଲା
- ୭୨ ହଜାର ଟପିପାରେ

ଏହା କେବଳ ଗତ ୩ ମାସରେ ୧୦ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଛି। ୨୪ କ୍ୟାରେଟ ସୁନା ମୂଲ୍ୟ (୧୦ ଗ୍ରାମ ପିଛା) ୬୯, ୮୮୨ ଟଙ୍କାରେ ଏବଂ ୨୨ କ୍ୟାରେଟ ମୂଲ୍ୟ ୬୪, ୦୧୨ ଟଙ୍କାରେ ପହଞ୍ଚି ଯାଇଛି। ଆଗାମୀ ଦିନରେ ଦାମ୍ ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆମେରିକା ସୁଧ ହାର ହ୍ରାସ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଡଲାର ମୂଲ୍ୟ ହ୍ରାସ ପାଇଛି। ତେଣୁ ସୁନା ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ଏସଏସ ୱେଲ୍‌ଥ ଷ୍ଟ୍ରିଟ୍‌ର ପ୍ରତିଷ୍ଠାତା ସୁଗନ୍ଧା ସଚଦେବ କହିଛନ୍ତି ଯେ ଚଳିତ ବର୍ଷ ଶେଷ ସୁଦ୍ଧା ସୁନା ୭୨ ହଜାର ଟଙ୍କାରେ ପହଞ୍ଚି ଯିବ। ଅର୍ଥାତ୍ ସୁନା ଆହୁରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏଭଳି ସ୍ଥିତିରେ ସୁନାରେ ନିବେଶ ଉପଯୋଗୀ ସାବ୍ୟସ୍ତ ହେବ। ସେହିପରି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର କମୋଡିଟି ଏବଂ କରେନ୍ସି ମୁଖ୍ୟ ଅନୁଜ ଗୁପ୍ତା କହିଛନ୍ତି ଯେ ରେକର୍ଡସ୍ତରରେ ପହଞ୍ଚିବା ସତ୍ତ୍ୱେ ମୂଲ୍ୟ ହ୍ରାସ ହେବାର କୌଣସି ସମ୍ଭାବନା ନାହିଁ। ନିବେଶ ପାଇଁ ଏହାର ଚାହିଦା ବଢ଼ିବାରେ ଲାଗିଛି।

ସୂଚନା ଅନୁଯାୟୀ ଗତ ୨୦ ବର୍ଷ ହେଲା ସୁନା ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। କମୋଡିଟି ବିଶେଷଜ୍ଞଙ୍କ ଅନୁଯାୟୀ ଯଦି ମୁଦ୍ରାସ୍ଫୀତି ବଢ଼ିବ ତେବେ ସୁନା ମୂଲ୍ୟ ଆହୁରି ବୃଦ୍ଧି ପାଇବ। ଆମେରିକା ନିର୍ବାଚନ ଫଳାଫଳ ମଧ୍ୟ ଏହା ଉପରେ ପ୍ରଭାବ ପକାଇବ। ୨୦୨୫ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ବୃଦ୍ଧି ଧାରା ଜାରି ରହିବ ବୋଲି ସଚଦେବ କହିଛନ୍ତି। ସେହିପରି ଗତ ବର୍ଷ ସୁନା ୮ ହଜାରରୁ ଅଧିକ ଟଙ୍କା ମହଙ୍ଗା ହୋଇଥିଲା। ୨୦୨୩ ପ୍ରାରମ୍ଭରେ ଏହାର ମୂଲ୍ୟ ୫୪, ୮୬୭ ଟଙ୍କା ଥିଲାବେଳେ ବର୍ଷ ଶେଷ ହେବାବେଳକୁ ୬୩, ୨୪୬ ଟଙ୍କାରେ ପହଞ୍ଚି ଯାଇଥିଲା। ସେହିପରି ରୁପା ମୂଲ୍ୟ ୬୮, ୦୯୨ ଟଙ୍କାରୁ ବୃଦ୍ଧି ପାଇ ୭୩, ୩୯୫ ଟଙ୍କାରେ ପହଞ୍ଚି ଥିଲା।



# ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଉତ୍କଳ ଆଲୁମିନାର ନିରୋଗଶାଳା



**ଭୁବନେଶ୍ୱର,୭।୪(ସମିସ):** ଆଦିତ୍ୟ ବିର୍ଲା ଗ୍ରୁପର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ (ୟୁଏଆଇଏଲ) ବହୁବିଧ ସାମାଜିକ ପ୍ରକଳ୍ପରେ ନିୟୋଜିତ ରହିଛି ଯାହା ବଞ୍ଚିତ ବର୍ଗଙ୍କ ଜୀବନରେ ଗୁଣାତ୍ମକ ପାର୍ଥକ୍ୟ ଆଣୁଛି। ଏହାର ପ୍ରମୁଖ ପ୍ରୟାସ ଗୁଡିକ ମଧ୍ୟରେ କାର୍ଯ୍ୟକାରୀ କରାଯାଉଥିବା ସ୍ୱାସ୍ଥ୍ୟସେବା ପ୍ରକଳ୍ପ ମାଧ୍ୟମରେ ଅନେକ ସଫଳତା ହାସଲ କରାଯାଇପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପରିଚାଳିତ ଉତ୍କଳ ହସ୍ପିଟାଲ, ନୂଆପଡା ସ୍ୱାସ୍ଥ୍ୟକେନ୍ଦ୍ରସମୂହ ଏବଂ ମାଇନ୍ସ ଓପିଡ଼ି (ବହିଃରୋଗୀ ବିଭାଗ) ସହିତ 'ନିରୋଗଶାଳା' ଶୀର୍ଷକରେ ଏକ ବୃହତ ସ୍ୱାସ୍ଥ୍ୟ ପ୍ରୟାସ ଆରମ୍ଭ କରିଛି।ଗ୍ରାମ ସ୍ତରରେ ଦାତବ୍ୟ ଚିକିତ୍ସା କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିବା ଏହି ନିରୋଗଶାଳାଗୁଡିକ ଜରିଆରେ ଏହା ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଛି। ସମ୍ପ୍ରତି ଏଭଳି ସ୍ୱାସ୍ଥ୍ୟ।।କେନ୍ଦ୍ର ଚାରିଟି ଗ୍ରାମରେ ସ୍ଥାପନ କରାଯାଇଛି। ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ଅଣ୍ଡିରାକଞ୍ଚ, ପି କୂପଖାଲ, ପୋଡାପାଡି ଓ ଗୋପୀନାଥପୁର ଗ୍ରାମରେ ଏହାକୁ କାର୍ଯ୍ୟକାରୀ କରାଯାଉଛି।ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନାର ୟୁନିଟ ହେଡ ଓ ପ୍ରେସିଡେଣ୍ଟ ମଜହର ବେଗ କହିଛନ୍ତି,"ଏହି ଆଦିବାସୀ ବହୁଳ ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ମାନରେ ଉନ୍ନତି ଆଣିବାର ଜରୁରୀ ଆବଶ୍ୟକତା ପ୍ରତି ୟୁଏଆଇଏଲ ଧ୍ୟାନ ଦେବା ସହିତ ଜନସାଧାରଣ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେଗୁଡିକର ସମାଧାନ ସମ୍ପର୍କରେ ଅନୁଧ୍ୟାନ କରିଛି।ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ 'ନିରୋଗଶାଳା›ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଦାତବ୍ୟ ଚିକିତ୍ସା କେନ୍ଦ୍ରଗୁଡିକ ସୁଲଭ ଓ ପୂର୍ଣ୍ଣାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି।ଏହି ପ୍ରୟାସ ସ୍ୱାସ୍ଥ୍ୟଗତ ପ୍ରଦର୍ଶନରେ ଉଲ୍ଲେଖନୀୟ ଅବଦାନ ରଖୁଛି। ସ୍ୱାସ୍ଥ୍ୟଗତ ପରାମର୍ଶ, ସ୍ୱାସ୍ଥ୍ୟ ଯାଞ୍ଚ ଓ ଜରୁରୀ ସ୍ୱାସ୍ଥ୍ୟସେବା ସହିତ ମାଗଣା ଔଷଧ ଆଦି ପ୍ରମୁଖ ସୁବିଧା 'ନିରୋଗଶାଳା' ଛାତ ତଳେ ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ବେଗ ଉଲ୍ଲେଖ କରିଛନ୍ତି।

**ଆର୍‌ବିଆଇ ନିୟମ ପାଳନରେ ଅବହେଳା**

## ଏଲ୍‌ଆଇସି ହାଉସିଂ ଫାଇନାନ୍ସ, ଆଇଡିଏଫ୍‌ସି ବ୍ୟାଙ୍କକୁ ଜୋରିମାନା

**ମୁମ୍ବାଇ,୭।୪(ଏଜେନ୍ସି):** ଆବଶ୍ୟକ ନିୟମ ପାଳନରେ ଅବହେଳା କରିବା ଯୋଗୁଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଉପରେ ଜୋରିମାନା ଲଗାଇଛି। ଏଥିସହିତ ୪ଟି ଅଣ ବ୍ୟାଙ୍କିଙ୍ଗ ଅର୍ଥ ଲଗାଣକାରୀ ସଂସ୍ଥା(ଏନ୍‌ବିଏଫ୍‌ସି)ର ଲାଇସେନ୍ସ ମଧ୍ୟ ବାତିଲ କରିଛି। ମିଳିଥିବା ସୂଚନା ଅନୁସାରେ ଆରବିଆଇ ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଉପରେ ୧ କୋଟି ଟଙ୍କା ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଉପରେ ୪୯.୭୦ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛି। ଯେଉଁ ୪ଟି ଏନ୍‌ବିଏଫ୍‌ସିର ଲାଇସେନ୍ସ ରଦ୍ଦ କରାଯାଇଛି ସେଗୁଡିକ ମଧ୍ୟରେ ଉତ୍ତରପ୍ରଦେଶର କୁଣ୍ଡଲ୍ସ ମୋଟର ଫାଇନାନ୍ସ, ତାମିଲନାଡୁର ନିତ୍ୟା ଫାଇନାନ୍ସ, ପଞ୍ଜାବର ଭାଟିଆ ହାୟର ପର୍ଚେଜ୍ ଏବଂ ହିମାଚଳ ପ୍ରଦେଶର ଜୀବନ ଜ୍ୟୋତି ଡିପୋଜିଟ୍‌ସ ଆଣ୍ଡ ଆଡଭାନସେସ୍ ଆଦି ସଂସ୍ଥା ସାମିଲ ରହିଛନ୍ତି। ରିଜର୍ଭ ବ୍ୟାଙ୍କର ଏହି କାର୍ଯ୍ୟାନୁଷ୍ଠାନ ପରେ ଏହି ୪ଟି ଏନ୍‌ବିଏଫ୍‌ସି ଏଣିକି କାରବାର କରିପାରିବେ ନାହିଁ ବୋଲି କୁହାଯାଇଛି। ଆଇଡିଏଫ୍‌ସି ବ୍ୟାଙ୍କ ଅନ୍ୟ ଏକ ବ୍ୟାଙ୍କିଙ୍ଗ ସଂସ୍ଥାକୁ ନିୟମ ଉଲ୍ଲଂଘନ କରି ଋଣ ପ୍ରଦାନ କରିଥିବା ଆରବିଆଇ କହିଛି।

**ତୈଳ ବିପଣନ କମ୍ପାନୀଙ୍କ ଚିନ୍ତା ବଢ଼ିଲା**

# ଅଶୋଧିତ ପେଟ୍ରୋଲିୟମ ମୂଲ୍ୟ ୯୦ ଡଲାର ପାର୍

**ନୂଆଦିଲ୍ଲୀ,୭।୪(ଏଜେନ୍ସି):** ଇତିମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ୯୦ ଡଲାର ପାର୍ କରିଛି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ପେଟ୍ରୋଲିୟମ ବ୍ୟାରେଲ ପିଛା ମୂଲ୍ୟ ୯୧ ଡଲାର ଛୁଇଁବା ପରେ ଏହା ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଛି। ଗତ ୬ ମାସ ମଧ୍ୟରେ ଏବଂ ଅକ୍ଟୋବର ପରେ ଅଶୋଧିତ ତେଲର ଏହା ହେଉଛି ସର୍ବୋଚ୍ଚ ମୂଲ୍ୟସ୍ତର। ଗୋଟିଏ ପକ୍ଷରେ ରୁଷ ଏବଂ ୟୁକ୍ରେନ ଯୁଦ୍ଧକୁ ନେଇ ଆନ୍ତର୍ଜାତିକ ପେଟ୍ରୋଲିମ ବଜାର ପ୍ରଭାବିତ ହୋଇ ଆସିଥିଲା ବେଳେ ଏବେ ଇସ୍ରାଏଲ ବିରୋଧରେ ଇରାନର ଯୁଦ୍ଧ ଧମକ ପୁଣି ବୈଶ୍ୱିକ ଭୂ-ରାଜନୀତିକୁ ସରଗରମ କରିବା ସହ ଏହାର ପ୍ରଭାବ ମଧ୍ୟ ପେଟ୍ରୋଲିୟମ ଉତ୍ପାଦନ କ୍ଷେତ୍ରରେ ପଡ଼ିଛି। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ଚାହିଦା ବୃଦ୍ଧି ପାଇଥିଲାବେଳେ ଯୋଗାଣ କ୍ଷେତ୍ର ପ୍ରଭାବିତ ହେବା ଦ୍ୱାରା ବ୍ରେଣ୍ଟ କ୍ରୁଡ୍ ଅଏଲ ମୂଲ୍ୟ ବ୍ୟାରେଲ ପିଛା ୯୧.୨୦ ଡଲାରରେ ପହଞ୍ଚିଥିବା କୁହାଯାଇଛି। ସେହିଭଳି ଡବ୍ଲ୍ୟୁଟିଆଇ କ୍ରୁଡ ଅଏଲ ମୂଲ୍ୟ ବ୍ୟାରେଲ ପିଛା ୮୬.୬୬ ଡଲାରରେ ପହଞ୍ଚିଛି। ଏହାଦ୍ୱାରା ଭାରତୀୟ ତୈଳ ବିପଣନକାରୀ କମ୍ପାନୀଙ୍କ ଚିନ୍ତା ବଢିଛି। ନିକଟରେ ଘରୋଇ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ହ୍ରାସ କରାଯାଇଥିଲା ବେଳେ ଏବେ ଆନ୍ତର୍ଜାତିକ ସ୍ତରରେ ପେଟ୍ରୋଲିୟମ ମୂଲ୍ୟ ବୃଦ୍ଧି ଏହି କମ୍ପାନୀଙ୍କ ପାଇଁ କ୍ଷତି ଆଣିପାରେ ବୋଲି କୁହାଯାଉଛି। ଆନ୍ତର୍ଜାତିକ ବିଶେଷଜ୍ଞଙ୍କ ମତାମତ ଅନୁସାରେ ଇସ୍ରାଏଲ ବିରୋଧରେ ଯଦି ଇରାନ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆଗାମୀ ଦିନରେ ଅଶୋଧିତ ତୈଳ ଯୋଗାଣ ଶୃଙ୍ଖଳ ଘୋର ପ୍ରଭାବିତ ହେବ। ଏହା ଫଳରେ ଆସନ୍ତା କିଛିଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୯୫ରୁ ୧୦୦ ଡଲାର ଛୁଇଁବା ଆଶଙ୍କାକୁ ଏଡାଇ ଦିଆଯାଇ ପାରିବନି ବୋଲି କୁହାଯାଇଛି। ତେବେ ଭାରତରେ ଏବେ ନିର୍ବାଚନ ଋତୁ ଚାଲିଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ବୃଦ୍ଧି ଆଗାମୀ ଦିନରେ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇପାରେ ବୋଲି କୁହାଯାଉଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ତୈଳ କମ୍ପାନୀଙ୍କ ଲାଭ ହାର ହ୍ରାସ ପାଇବ। କିନ୍ତୁ ନିର୍ବାଚନ ଶେଷ ହେବା ନ ଯାଏ ସେମାନେ ମୂଲ୍ୟ ବୃଦ୍ଧି କରିପାରିବେ ନାହିଁ। ଫଳରେ ତୈଳ ବିପଣନ କମ୍ପାନୀଙ୍କ ପାଇଁ ଭିନ୍ନ ସ୍ଥିତି ଉପଜିବ। ଏହିକ୍ରମରେ ଗତକାଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା କରିବା ସମୟରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧିକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଉପରେ କଡ଼ା ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।



**ଟେଲିକମ୍ କ୍ଷେତ୍ରରେ ଜିଓ ନେତୃତ୍ୱ**

# ୫-ଜିକୁ ନେଇ ବିଶ୍ୱର ଶ୍ରେଷ୍ଠ ୧୫ଟି ଦେଶ ମଧ୍ୟରେ ଭାରତ

ମୁମ୍ବାଇ,୭।୪(ଏଜେନ୍ସି)

ବ୍ରଡବ୍ୟାଣ୍ଡ ସ୍ପିଡ୍ ମାପକ ସଂସ୍ଥା ଓକ୍‌ଲା ଭାରତରେ ବିଭିନ୍ନ ଟେଲିକମ୍ କମ୍ପାନୀଙ୍କ ଦ୍ୱାରା ପ୍ରଦତ୍ତ ୫ଜି ପ୍ରଦର୍ଶନ ଏବଂ ଗ୍ରାହକ ଅଭିଜ୍ଞତା ଉପରେ ଏହାର ରିପୋର୍ଟ ପ୍ରକାଶ କରିଛି। ଭାରତର ଟେଲିକମ୍ ଶିଳ୍ପର ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ରିଲାଏନ୍ସ ଜିଓ ୫ଜି କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ସହିତ ଏହି ଦୌଡ଼ରେ ସବୁଠୁ ଆଗୁଆ ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଜିଓ ତ୍ୱରାନ୍ୱିତ ଢାଞ୍ଚାରେ ୫ଜି ସଂପ୍ରସାରଣ କାର୍ଯ୍ୟ ରିବା ସହିତ ଏଥିରେ ବହୁ ଉନ୍ନତି ସାଧନ କରିଥିବା କୁହାଯାଇଛି । ଦୂରସଂଚାର ବିଭାଗ ଅନୁଯାୟୀ ୨୦୨୪ ଫେବୃଆରୀ ୨୯ ସୁଦ୍ଧା ଭାରତରେ ୪.୨୫ ଲକ୍ଷ ୫ଜି ବିଟିଏସ୍ ସ୍ଥାପନ କରାଯାଇଛି ଯେଉଁଥିରୁ ପ୍ରାୟ ୮୦% ବିଟିଏସ୍ ରିଲାଏନ୍ସ ଜିଓ ଦ୍ୱାରା ସ୍ଥାପନ କରାଯାଇଛି। ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ସମଗ୍ର ଭାରତରେ ୫ଜି ନେଟୱାର୍କ ବିସ୍ତାର କରିବା ପାଇଁ ବ୍ୟାପକ ପୁଞ୍ଜିନିବେଶ କରିଛନ୍ତି, ଯାହା ଫଳରେ ଭାରତରେ ୫ଜି ଉପଲବ୍ଧତାରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି । ୫ଜି ଉପଲବ୍ଧତା ୨୦୨୩ର ପ୍ରଥମ ତ୍ରୟମାସରେ ୨୮.୧% ଥିବାବେଳେ ୨୦୨୩ର ଚତୁର୍ଥ ତ୍ରୟମାସରେ ଏହା ୫୨.୦%କୁ ବୃଦ୍ଧି ପାଇଛି । ଆରମ୍ଭରୁ ୫ଜି ଷ୍ଟାଣ୍ଡଏଲୋନ ନେଟୱାର୍କ କାର୍ଯ୍ୟକାରୀ କରିବା ଦ୍ୱାରା ରିଲାଏନ୍ସ ଜିଓ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ଭାବରେ ପ୍ରତିଷ୍ଠିତ ହୋଇପାରିଛି ।ଜିଓର ବ୍ୟାପକ ୫ଜି କଭରେଜ୍ ଏହାର ଉନ୍ନତ ୫ଜି ଉପଲବ୍ଧତା ହାରରୁ ସ୍ପଷ୍ଟ ହୋଇଛି । ୨୦୨୩ ର ଚତୁର୍ଥ ତ୍ରୟମାସରେ ଜିଓର ୫ଜି ଉପଲବ୍ଧତା ହାର ୬୮.୮%କୁ ବୃଦ୍ଧି ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲର ୩୦.୩%କୁ ହ୍ରାସ ପାଇଛି । ରିଲାଏନ୍ସ ଜିଓ ଲୋ-ବ୍ୟାଣ୍ଡ (୭୦୦ ମେଗାହର୍ଜ) ଏବଂ ମିଡ୍ ବ୍ୟାଣ୍ଡ (୩.୫ ଗିଗାହର୍ଜ) ସ୍ପେକ୍ଟ୍ରମ ଏବଂ ବିସ୍ତୃତ ଫାଇବର ନେଟୱାର୍କ ସହିତ ଗ୍ରାହକଙ୍କୁ ବ୍ୟାପକ କଭରେଜ୍ ଏବଂ ବ୍ୟାପକ ନେଟୱାର୍କ ପ୍ରଦାନ କରିବାରେ ସକ୍ଷମ ହୋଇଛି ।ରିଲାଏନ୍ସ ଜିଓର ୫ଜି ନେଟୱାର୍କ ବିଶେଷ କରି ଭିଡିଓ ଷ୍ଟ୍ରିମିଂ ଏବଂ ମୋବାଇଲ ଗେମିଂରେ ଗ୍ରାହକଙ୍କ ଅଭିଜ୍ଞତାରେ ଯଥେଷ୍ଟ ଉନ୍ନତି ଆଣିଛି । ସ୍ପିଡ୍ ଟେଷ୍ଟ ଇଣ୍ଟେଲିଜେନ୍ସ ଡାଟାରୁ ଜଣାପଡିଛି ଯେ ରିଲାଏନ୍ସ ଜିଓର ୫ଜି ନେଟୱାର୍କ ଦ୍ରୁତ ଭିଡିଓ ଷ୍ଟାର୍ଟ ଟାଇମ୍ ପ୍ରଦାନ କରୁଥିବା ବେଳେ ବଫରିଂ ହ୍ରାସ କରୁଛି ଏବଂ ଗ୍ରାହକଙ୍କ ପାଇଁ ଷ୍ଟ୍ରିମିଂ ଅଭିଜ୍ଞତାକୁ ସମୃଦ୍ଧ କରିଛି ।ରିଲାଏନ୍ସ ଜିଓର ୫ଜି ନେଟୱାର୍କ ଏୟାରଟେଲର ୫ଜି ନେଟୱାର୍କ ତୁଳନାରେ ୧.୧୪ ସେକେଣ୍ଡର ଦ୍ରୁତ ଭିଡିଓ ଷ୍ଟାର୍ଟ ଟାଇମ ରେକର୍ଡ କରିଛି ଯାହା ୧.୯୯ ସେକେଣ୍ଡ ଥିଲା । ରିଲାଏନ୍ସ ଜିଓ ଗ୍ରାହକଙ୍କ ଭିଡିଓ ଷ୍ଟାର୍ଟ ଟାଇମ ୦.୮୫ ସେକେଣ୍ଡ ହ୍ରାସ ସହ ୪ଜିରୁ ୫ଜିରେ ଅଧିକ ହ୍ରାସ ପାଇଛି । ଏହାବ୍ୟତୀତ, ମୋବାଇଲ୍ ଗେମରମାନେ କମ୍ ବିଳମ୍ବତା, ଉତ୍ତମ ପ୍ରତିକ୍ରିୟା ଏବଂ ସହଜ ତଥା ନିର୍ବିଘ୍ନ ଗେମ-ପ୍ଲେ ରୁ ଉପକୃତ ହୋଇଛନ୍ତି ।ନେଟୱାର୍କ କାର୍ଯ୍ୟଦକ୍ଷତାରେ ଅନ୍ତର୍ନିହିତ ଜଟିଳତା ସତ୍ତ୍ୱେ, ୫ଜି ପ୍ରତି ଗ୍ରାହକଙ୍କ ଭାବନା ଅତ୍ୟନ୍ତ ସକାରାତ୍ମକ ରହିଛି । ଏହା ରିଲାଏନ୍ସ ଜିଓର ୫ଜି ସେବା ପାଇଁ ନେଟ୍ ପ୍ରମୋଟର ସ୍କୋର (ଏନପିଏସ) ପ୍ରତିଫଳିତ କରୁଛି ଯାହା କି ୨୦୨୩ର ଚତୁର୍ଥ ତ୍ରୟମାସରେ ୭.୪ ରେକର୍ଡ କରାଯାଇଛି । ଏନପିଏସରେ ଏହି ବୃଦ୍ଧି ଧାରା ରିଲାଏନ୍ସ ଜିଓର ୫ଜି ନେଟୱାର୍କ ଦ୍ୱାରା ପ୍ରଦାନ କରାଯାଉଥିବା ଉନ୍ନତ ପ୍ରଦର୍ଶନ ଏବଂ ବିଶ୍ୱସନୀୟତା ସହିତ ଗ୍ରାହକମାନଙ୍କ ସନ୍ତୋଷକୁ ପ୍ରତିଫଳିତ କରୁଛି ।୫ଜି ହାରାହାରି ଡାଉନଲୋଡ୍ ସ୍ପିଡ୍ ଦୃଷ୍ଟିରୁ ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୧୫ଟି ଦେଶ ମଧ୍ୟରେ ରହିଛି । ୨୦୨୩ର ଚତୁର୍ଥ ତ୍ରୟମାସରେ ରହିଥିବା ଦେଶର ହାରାହାରି ୫ଜି ଡାଉନଲୋଡ୍ ସ୍ପିଡ୍ ୩୦୧.୮୬ ଏମବିପିଏସ୍ ଏହାକୁ ଅତ୍ୟାଧୁନିକ ୫ଜି ଭିତ୍ତିଭୂମି ଥିବା ଦେଶ ଭାବରେ ବିଶ୍ୱ ମାନଚିତ୍ରରେ ଦୃଢ଼ ଭାବେ ସ୍ଥାନିତ କରିଛି ।




**ଏଲନ୍ ମସ୍କଙ୍କୁ ପଛରେ ପକାଇଲେ**

# ଜୁକରବର୍ଗ ବିଶ୍ୱର ତୃତୀୟ ଧନୀ

**ନୂଆଦିଲ୍ଲୀ, ୭।୪ (ଏଜେନ୍ସି):** ଫେସବୁକ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟାର ପ୍ରତିଷ୍ଠାତା ମାର୍ଗ ଜୁକରବର୍ଗ ବିଶ୍ୱର ତୃତୀୟ ବୃହତ ଧନୀ ହୋଇଛନ୍ତି। ୨୦୨୦ ପରେ ପ୍ରଥମ ଥର ପାଇଁ ଜୁକରବର୍ଗ ଏହି ସ୍ଥାନରେ ପହଞ୍ଚିଛନ୍ତି। ସେ ବ୍ୟବସାୟୀ ତଥା ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କୁ ପଛରେ ପକାଇ ଦେଇଛନ୍ତି। ବ୍ଲୁମବର୍ଗ ବିଲେନିୟର୍ସ ତାଲିକା ଅନୁଯାୟୀ ୧୮୧ ବିଲିୟନ ଡଲାର (୧୫.୦୭

- ପ୍ରଥମ ସ୍ଥାନରେ ବର୍ଣ୍ଣାର୍ଡ ଅର୍ଣ୍ଣାଲ୍ଟ
- ଏକାଦଶ ସ୍ଥାନରେ ମୁକେଶ ଅମ୍ବାନୀ

ଲକ୍ଷ କୋଟିରୁ ଅଧିକ ଟଙ୍କା)ର ନେଟ୍‌ୱର୍ଥ ସହିତ ମସ୍କ ଚତୁର୍ଥ ସ୍ଥାନରେ ଅଛନ୍ତି। ସେ ମାର୍ଚ୍ଚ ପ୍ରାରମ୍ଭରେ ପ୍ରଥମ ସ୍ଥାନରେ ଥିଲେ। ସେହିପରି ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ୧୮୭ ବିଲିୟନ ଡଲାର (୧୫.୫୭ ଲକ୍ଷ କୋଟି ଟଙ୍କା) ରହିଛି। ଚଳିତ ବର୍ଷ ମସ୍କଙ୍କ ସମ୍ପତ୍ତି ୪୮.୪ ବିଲିୟନ ଡଲାର (୪.୦୩ ଲକ୍ଷ କୋଟି ଟଙ୍କା) ହ୍ରାସ ପାଇଛି। ତେବେ ସେ ୫୮.୯ ବିଲିୟନ ଡଲାର (୪.୯୦ ଲକ୍ଷ କୋଟି ଟଙ୍କା) ନିଜ ସମ୍ପତ୍ତିରେ ସାମିଲ କରିଛନ୍ତି। ଭାରତ କୌଣସି ଧନୀ ଏହି ତାଲିକାର ପ୍ରଥମ ୧୦ ସ୍ଥାନରେ ନାହାନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୧୧ ତମ ସ୍ଥାନରେ ଅଛନ୍ତି। ଏବେ ତାଙ୍କର ସମ୍ପତ୍ତି ୧୧୨ ବିଲିୟନ ଡଲାର (ପ୍ରାୟ ୯.୩୨ ଲକ୍ଷ କୋଟି ଟଙ୍କା) ବୋଲି କୁହାଯାଇଛି। ସେହିପରି ୧୦୪ ବିଲିୟନ ଡଲାର (୯.୩୨ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି ସହ ଶିଳ୍ପପତି ଗୌତମ ଆଦାନୀ ୧୪ ନଂ ସ୍ଥାନରେ ଅଛନ୍ତି।



**ଟେସ୍‌ଲା ସେୟାର ୩୩.୬୨ ପ୍ରତିଶତ ହ୍ରାସ**

କିଛି ଦିନ ତଳେ କମ୍ ଦାମର କାର୍ ଆଣିବା ଯୋଜନାକୁ ଟେସ୍‌ଲା ବାତିଲ କରିଦେଇଛି ବୋଲି ଖବର ଆସିଥିଲା। ଏହା ପରଠାରୁ ଟେସ୍‌ଲାର ସେୟାର କ୍ରମାଗତ ଭାବେ ହ୍ରାସ ପାଇ ଚାଲିଥିଲା। ଏହା ପରେ ଗତ ତିନି ମାସରେ ଟେସ୍‌ଲା ଗାଡ଼ି ଡେଲିଭରି ହ୍ରାସ ଘଟିଥିବା ଜଣା ପଡ଼ିଥିଲା। ଏଥିଯୋଗୁଁ ଟେସ୍‌ଲା ସେୟାର ଆହୁରି ହ୍ରାସ ପାଇଥିଲା।

